EKAMAATRA
READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ | ସଂଖ୍ୟା-୫୨ | ୯ - ୧୫ ଜାନୁଆରୀ, ୨୦୨୩ | ଭୁବନେଶ୍ୱର | Monday Weekly | VOL-6 | ISSUE-52 | 9th - 15th JANUARY, 2023 | BHUBANESWAR | ₹ 5/- (8 Pages)

### ରାଜ୍ୟ ସରକାରଙ୍କୁ ତେରଛା ବାଣ ମାରିଲେ ଶଙ୍କରାଚାର୍ଯ୍ୟ

# ଷ୍ଟାଡିୟମ ହେଉଛି ; ଆଳତି ସ୍ଥଳର ଉନ୍ନତି ହୋଇପାରୁନି



**ପୁରୀ :** ପୁରୀରେ ଆଳତି ସ୍ଥଳର ଉନ୍ନତୀକରଣ ହେଉ ନଥିବାରୁ ପୌଷ ପୂର୍ଣ୍ଣମୀ ଅବସରରେ କ୍ଷୋଭ ପ୍ରକାଶ କଲେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ। ଆଉ ରାଜ୍ୟ ସରକାରଙ୍କୁ ମାରିଲେ ତେର୍ଛା ବାଣ। କହିଲେ, କ୍ରୀଡାର ବିକାଶ ନେଇ ରାଜ୍ୟ ସରକାର ବହୁତ ଉତ୍ସାହିତ ରହୁଛନ୍ତି। ଦେଢ ବର୍ଷରେ ହକି ଷ୍ଟାଡିୟମ ନିର୍ମାଣ କରିଦେଉଛନ୍ତି। ହେଲେ ଆଳତି ସ୍ଥଳ ହୋଇପାରୁନି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଶଙ୍କରାଚାର୍ଯ୍ୟ ଆହୁରି କହିଛନ୍ତି, ଷ୍ଟାଡିୟମ ହେଲେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାରପ୍ରସାର ହେବ। ଆଳତି ସ୍ଥଳ ହେଲେ ସନାତନ ଧର୍ମ ଓ ଶଙ୍କରାଚାର୍ଯ୍ୟଙ୍କ ପ୍ରଚାର ହେବ। ସେଥିପାଇଁ ସରକାର ଧ୍ୟାନ ଦେଉନାହାନ୍ତି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଆହୁରି କହିଥିଲେ ଯେ, ସମଗ୍ର ବିଜ୍ଞାନ ବେଦାନ୍ତ ଶାସ୍ତ୍ରରେ ସନ୍ନିହିତ। ଏହା ଆଧୁନିକ ବିଜ୍ଞାନକୁ ମାର୍ଗ ଦେଖାଇବାର କ୍ଷମତା ରଖିଛି। କିନ୍ତୁ ଅନ୍ଧ ଭାବେ ପାଶ୍ଚାତ୍ୟକୁ ଅନୁକରଣ କରିବା ଅଭିପ୍ରାୟରେ ଭାରତର ଗୁରୁକୂଳ ବ୍ୟବସ୍ଥାକୁ ଧ୍ୱଂସ କରିଦିଆଯାଇଛି। ହେଲେ ଭୁଲିଯିବା ଉଚିତ ନୁହେଁ ଯେ ଯେଉଁ ରାଷ୍ଟ୍ର କଂସ, ରାବଣ ଓ ହିରଣ୍ୟକଶ୍ୟପଙ୍କ ଭଳି ଶାସକଙ୍କ ଶାସନକୁ ଧ୍ୱଂସ କରିଦେବାର ➤ ପୃ-୬

# ଏବର୍ଷ ଜିଡିପି ଅଭିବୃଦ୍ଧି ୭% ରହିବ




**ନୂଆଦିଲ୍ଲୀ :** ଭାରତ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ହାର ପୂର୍ବାନୁମାନ ପ୍ରକାଶ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ରହିବା ଆକଳନ କରାଯାଇଛି। ଗତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୮.୭ ପ୍ରତିଶତ ଥିଲା। ଭାରତୀୟ ଅର୍ଥନୀତି ଏକ ସମୟରେ ସକରାତ୍ମକ ଅଭିବୃଦ୍ଧି ହାର ଦେଖାଉଛି ଯେତେବେଳେ ବିଶ୍ୱରେ ବଡ ଅର୍ଥନୀତି ମାନ୍ଦାବସ୍ଥାକୁ ଯିବାର ଆଶଙ୍କା ରହିଛି। ➤ ପୃ-୬

### ଅର୍ଚ୍ଚନା ନାଗ ଜାମିନ୍ ଆବେଦନ ପ୍ରସଙ୍ଗ

# କେସ୍ ଡାଏରୀ ମାଗିଲେ ଓଡିଶା ହାଇକୋର୍ଟ



**କଟକ :** ଭୁବନେଶ୍ୱର କମିଶନରେଟ୍ ପୋଲିସ୍‌କୁ କେସ୍ ଡାଏରୀ ମାଗିଲେ ଓଡିଶା ହାଇକୋର୍ଟ। ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା ନାଗର ଜାମିନ ଆବେଦନ ପ୍ରସଙ୍ଗରେ କେସ୍ ଡାଏରୀ ଦାଖଲ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏହି କେସ୍ ଡାଏରୀକୁ ଅନୁଧ୍ୟାନ କରିବା ପରେ ଯାହା କିଛି ନିଷ୍ପତ୍ତି ହାଇକୋର୍ଟ ନେଇପାରନ୍ତି। ନୟାପଲ୍ଲୀ ଥାନାରେ ରୁଜୁ ହୋଇଥିବା ମାମଲାରେ ଜାମିନ ପାଇଁ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଛି ଅର୍ଚ୍ଚନା। ସେଥିପାଇଁ କେସ୍ ଡାଏରୀ ଦାଖଲ ପାଇଁ ପୁଲିସକୁ ହାଇକୋର୍ଟ କହିଛନ୍ତି। ସେପଟେ ବ୍ଲାକମେଲିଂ ଓ ଅମାପ ସମ୍ପତ୍ତି ଠୁଳ ମାମଲାରେ ➤ ପୃ-୬

### ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ

# ୧୨୨ ବର୍ଷର ରେକର୍ଡ ଭାଙ୍ଗିଲା ଡିସେମ୍ବର



**ଭୁବନେଶ୍ୱର :** ଭାରତରେ ଅସ୍ୱାଭାବିକ ଭାବରେ ବଢିଚାଲିଛି ତାପମାତ୍ରା। ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ଦେଖିବାକୁ ମିଳିଛି। ୨୦୨୨ ଡିସେମ୍ବର ମାସ ଭାରତ ସବୁଠୁ ଉତ୍ତପ୍ତ ଭାବରେ ରେକର୍ଡ କରିଛି। ଫଳରେ ଗତ ୧୨୨ବର୍ଷର ରେକର୍ଡ ଭାଙ୍ଗିଛି ଡିସେମ୍ବର। ପୁରା ମାସରେ ସର୍ବନିମ୍ନ ହାରାହାରି ତାପମାତ୍ରା ୨୧.୪୯ଡିଗ୍ରୀ ରେକର୍ଡ କରାଯାଇଛି। ରେକର୍ଡ ହୋଇଥିବା ତାପମାତ୍ରା ସ୍ୱାଭାବିକଠାରୁ ୧ଡିଗ୍ରୀ ଅଧିକ ବୋଲି ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ୧୨୨ ବର୍ଷ ମଧ୍ୟରେ ଅଧିକ ତାପମାତ୍ରା ଥିବା ଟପ୍ ୫ ଟି ବର୍ଷ ମଧ୍ୟରୁ ୨୦୨୨ ସର୍ବାଧିକ ୨୧.୪୯ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ୨୦୦୮ ରେ ଦ୍ୱିତୀୟ ସର୍ବାଧିକ ୨୧.୪୬ ଡିଗ୍ରୀ, ୨୦୧୬ ୨୧.୪୦ ଡିଗ୍ରୀ, ୨୦୧୫ରେ ୨୧.୧୩ ଡିଗ୍ରୀ ଏବଂ ୨୦୦୯ ରେ ହାରାହାରି ୨୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ଡିସେମ୍ବର ସରି ଜାନୁୟାରୀ ମାସର ୫ ଦିନ ବି ବିତିଲାଣି। କିନ୍ତୁ ଉତ୍ତରା ପବନ ସକ୍ରିୟ ନ ଥିବାରୁ ଜାଡ ପଡିନି। ପାଣିପାଗ ବିଭାଗର ତଥ୍ୟ କହୁଛି, ଯଦିଓ ଉତ୍ତର ଭାରତରେ ଶୀତ ପ୍ରକୋପ ଅନୁଭୂତ ହୋଇଛି, କିନ୍ତୁ ପୂର୍ବାଞ୍ଚଳ ସମେତ ଉତ୍ତରପୂର୍ବ ଓ କେନ୍ଦ୍ରୀୟ ଭାରତରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଯୋଗୁଁ ସାରା ଦେଶର ସ୍ୱାଭାବିକ ତାପମାତ୍ରା ବୃଦ୍ଧି ପାଇଛି। ମହାରାଷ୍ଟ୍ର ଡିସେମ୍ବରରେ ଅଧିକ ତାପମାତ୍ରା ରେକର୍ଡ କରିବା ଯୋଗୁଁ ଦେଶର ଅଧିକାଂଶ ଅଂଶ ଯଥା ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ତେଲେଙ୍ଗାନା ➤ ପୃ-୬

### ଓଡ଼ିଶାର ଗର୍ବ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ

# ତେବେ ମିଛ ପ୍ରଚାର କାହିଁକି ?



**ଭୁବନେଶ୍ୱର :** ରାଉରକେଲାରେ ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡ଼ିୟମ ଉଦଘାଟନ ହେବା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଥିବାବେଳେ ରାଜ୍ୟ ସରକାରଙ୍କ ମିଛ ପ୍ରଚାରକୁ ନେଇ ଏବେ ନୂଆ ବିବାଦ ଆରମ୍ଭ ହୋଇଛି। ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁହଁରେ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମକୁ 'ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡ଼ିୟମ' ବୋଲି କୁହାଇ ରାଜ୍ୟର ପ୍ରଶାସନିକ ଅଧିକାରୀମାନେ ଏକ ନୂଆ ବିବାଦ ଓ ମିଛ ପ୍ରଚାରକୁ ଜନ୍ମ ଦେଇଥିବା ଜଣାପଡ଼ିଛି। ଏପରିକି ବିରୋଧୀ ଦଳ ବିଜେପି ଓ ସୋଶାଲ ମିଡିଆରେ ଏହି ମିଛ ପ୍ରଚାରକୁ ନେଇ ଆପତ୍ତି ଉଠାଯିବା ପରେ ବି ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ଖଣ୍ଡନ ମଧ୍ୟ କରାନଯିବା ପରୋକ୍ଷରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ବେପରୁଆ ମନୋଭାବକୁ ଉଜାଗର କରୁଛି। ଏହି ଷ୍ଟାଡ଼ିୟମକୁ ନେଇ ସକାରାତ୍ମକ ପ୍ରଚାର ପରିବର୍ତ୍ତେ ସୋଶାଲ ମିଡିଆରେ ନକାରାତ୍ମକ ପ୍ରଚାର ବେଶୀ ହେବାରେ ଲାଗିଛି। ସୂଚନା ଅନୁସାରେ, ବିଶ୍ୱକପ୍ ହକି ମ୍ୟାଚ ଆସନ୍ତା ୧୩ ତାରିଖରୁ ଓଡ଼ିଶାରେ ହେବାକୁ ଯାଉଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡ଼ିୟମକୁ ଉଦଘାଟନ କରିଛନ୍ତି। କିନ୍ତୁ ଏହି ଷ୍ଟାଡ଼ିୟମକୁ ଉଦଘାଟନର ପ୍ରଚାର ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନିଜ ଟ୍ୱିଟରରୁ ବିର୍ସା ମୁଣ୍ଡା ଷ୍ଟାଡ଼ିୟମକୁ ବିଶ୍ୱର ସର୍ବବୃହତ୍ ଷ୍ଟାଡ଼ିୟମ ବୋଲି ଉଲ୍ଲେଖ କରିଛନ୍ତି। ଏପରିକି ଷ୍ଟାଡ଼ିୟମକୁ ଉଦଘାଟନ କରିବା ଅବସରରେ ଏହାକୁ ବିଶ୍ୱର ସର୍ବବୃହତ୍ ବୋଲି କହିବାକୁ ପଛାଇ ନାହାନ୍ତି। ସମ୍ବାଦପତ୍ରରେ ବଡ଼ ବଡ଼ ବିଜ୍ଞାପନ ଦେଇ ଏହାକୁ ସର୍ବବୃହତ୍ ହକି ଷ୍ଟାଡ଼ିୟମ ବୋଲି ମଧ୍ୟ ସରକାରୀସ୍ତରରେ କୁହାଯାଇଛି। ବିଜେପି ବିଧାୟକ ➤ ପୃ-୬

## ବକ୍ରବାଣୀ



ଆପଣ ଖୁସି ହେଲେ ମୁଁ ବି ଖୁସି
ତାଳି ମାର ସବୁ ସଭାରେ ବସି
ସରିଗଲେ ସଭା ଘରକୁ ଯାଅ
ମଦ ପେଟେ ପିଇ ଆନନ୍ଦେ ଶୁଅ
ମଦୁଆ ମୋହରି ଜୀବନ ଧନ
ତାଙ୍କରି ସେବାରେ ଥାଉ ମୋ ମନ
ବାପାଙ୍କର ଥିଲା ଏଇ ସପନ
ଖୋଲିଦେଇଛି ମୁଁ ମଦ ଦୋକାନ
ମଦୁଆଙ୍କ ମୁହେଁ ଫୁଟେଇ ହସ
ଘାଣ୍ଟିବି ଆହୁରି ପାଞ୍ଚ ବରଷ।

——————ଟୁଟୁ

### ମିଶନ ଶକ୍ତି କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ

# ଉପକୃତ ହେବେ ୨.୬୮ ଲକ୍ଷ ମା'



**ଭୁବନେଶ୍ୱର :** ଓଡିଶାର ମିଶନ ଶକ୍ତି କାର୍ଯ୍ୟକ୍ରମରେ ଆରମ୍ଭ ହୋଇଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏଥିରେ ସହଯୋଗର ହାତ ବଢାଇଛି ଓଡିଶା ଗ୍ରାମ୍ୟ ବ୍ୟାଙ୍କ। ମୁଖ୍ୟମନ୍ତ୍ରୀଙ୍କ ସବୁଠାରୁ ପ୍ରିୟ କାର୍ଯ୍ୟକ୍ରମ ମିଶନ ଶକ୍ତିର ମା' ମାନଙ୍କ ପାଇଁ ଆରମ୍ଭ ହୋଇଛି ମେଗା ଋଣ ପ୍ରଦାନ କାର୍ଯ୍ୟକ୍ରମ। ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ରାଜ୍ୟର ୨୬,୭୨୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୧୦୦୧ କୋଟି ଟଙ୍କାର ଋଣ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାଦ୍ୱାରା ରାଜ୍ୟର ୨.୬୮ ଲକ୍ଷ ମା' ଉପକୃତ ହେବେ। ଏକାଦିନରେ କେବଳ ମା ମାନଙ୍କ ପାଇଁ ଏତେ ବଡ ଋଣ ପ୍ରଦାନ କାର୍ଯ୍ୟକ୍ରମ ପୂର୍ବରୁ କେବେ ହୋଇନାହିଁ। ଉପସ୍ଥିତ ଥିବା ୫ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ୧୦ ଲକ୍ଷ୍ ଲେଖା ଋଣ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କାର ଋଣ ମିଳିଥିଲା। ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ଆଗେଇ ନେବା ଓ ଓଡିଶାର ରୂପାନ୍ତରରେ ଭାଗୀଦାର ହେବାପାଇଁ ବ୍ୟାଙ୍କର୍ସ ମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା ମାନଙ୍କୁ ସଶକ୍ତ କରିବାରେ ଓଡିଶା ଏକ ଆଗୁଆ ରାଜ୍ୟ। ଓଡିଶାର ଘରେ ଘରେ, ଗାଁ ଗାଁରେ ଆଜି ମିଶନ ଶକ୍ତି ତା'ର ଜୟଯାତ୍ରା ଜାରି ରଖିଛି ଏବଂ ଆଗାମୀ ଦିନରେ ଏହା ଆହୁରି ସଶକ୍ତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଲ୍ଲାସ୍ତରୀୟ ଫେଡେରେସନ ମାନଙ୍କ ପାଇଁ ଏକ କୋଟି ଏବଂ ବ୍ଲକ୍‌ସ୍ତରୀୟ ଫେଡେରେସନ ପାଇଁ ୫୦ ଲକ୍ଷ ଟଙ୍କାର ରିଭଲଭିଂ ଫଣ୍ଡ କରିବା ପାଇଁ ନିଷ୍ପତ୍ତି କରାଯାଇଛି। ଏହାସହିତ ମା ମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ମେକ୍-ଇନ୍-ଓଡିଶା କାର୍ଯ୍ୟକ୍ରମରେ ଏହା ସବୁଠାରୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ପୁରସ୍କାର ପାଇଛି ଏବଂ ମା ମାନଙ୍କୁ ୧୦୦୧କୋଟି ଟଙ୍କାର ଋଣ ବ୍ୟବସ୍ଥା କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଟି ମଲ୍ଟି ପରପୋଜ୍ ମୋବାଇଲ ଭ୍ୟାନ୍-କମ୍-ଏଟିଏମ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ➤ ପୃ-୬

# ମାର୍ଚ୍ଚ ୧୦ରୁ ମାଟ୍ରିକ୍ ପରୀକ୍ଷା

**କଟକ :** ଘୋଷଣା ହେଲା ମାଟ୍ରିକ୍ ପରୀକ୍ଷାର ତାରିଖ। ଏହା ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ୧୭ ତାରିଖ ଚାଲିବ। ଏନେଇ, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ଏହି ଘୋଷଣା ସମୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପସଭାପତି ନିହାରରଂଜନ ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଏଥର ପରୀକ୍ଷାକୁ ନିର୍ଭୁଲ ଭାବେ କରାଯିବା ଲାଗି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ଏଥର ନେଡାଲ ସେଣ୍ଟରର ପରିବର୍ତ୍ତନ କରାଯିବ ନାହିଁ। ଏଯାଏ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଫର୍ମଫିଲଅପ୍ ତାରିଖ ଘୋଷିତ ହୋଇନାହିଁ। ଖୁବ୍ ଶୀଘ୍ର ଫର୍ମଫିଲଅପ୍ ତାରିଖ ଘୋଷଣା କରାଯିବ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପସଭାପତି କହିଛନ୍ତି। ଚଳିତ ବର୍ଷ ପିଲାମାନେ ଅନଲାଇନରେ ଫର୍ମଫିଲଅପ୍ କରିବେ। ସେହିପରି ଧନ୍ଦାମୂଳକ ଶିକ୍ଷାର ପ୍ରାକ୍ଟିକାଲ ପରୀକ୍ଷା ଫେବ୍ରୁଆରୀ ୧୫ରୁ ଆରମ୍ଭ ହେବ। ରାଜ୍ୟର ➤ ପୃ-୬




### ଓଡ଼ିଶାରେ ୫-ଜି ସେବା ଆରମ୍ଭ

# ୪-ଜି'ଠୁ ୧୦ ଗୁଣା ସ୍ପିଡ୍ ହେବ ଇଣ୍ଟରନେଟ୍



**ଭୁବନେଶ୍ୱର :** ଡିଜିଟାଲ ସେବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଓଡ଼ିଶାରେ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ଫାଇଭ୍-ଜି ସେବା। କଟକ ଓ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଏହି ସେବା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ରିଲାଏନ୍ସ ଜିଓ ଏବଂ ଏୟାରଟେଲ୍ ଏହି ସେବା ଯୋଗାଇବେ। କଟକ ଓ ଭୁବନେଶ୍ୱରରେ ୫ଜି ସେବା ଆରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ସହର ଓ ଗ୍ରାମାଞ୍ଚଳରେ ଏହି ସେବା ଉପଲବ୍ଧ ହେବ। ୫ଜି ସେବା ଯୋଗୁ କଟକ ଓ ଭୁବନେଶ୍ୱରରେ ୪-ଜି ତୁଳନାରେ ୧୦ ଗୁଣା ଅଧିକ ସ୍ପିଡ୍ ହେବ ଇଣ୍ଟରନେଟ୍। ସାରା ରାଜ୍ୟରେ ୫-ଜି ସେବା ଲାଗୁ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବ। କେବଳ ସହରାଞ୍ଚଳ ନୁହେଁ, ରାଜ୍ୟର ଉପାନ୍ତ ତଥା ଅପହଞ୍ଚ ଅଞ୍ଚଳରେ ମଧ୍ୟ ଏହି ସେବାକୁ ପହଞ୍ଚାଇବାକୁ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ୫-ଜି ପାଇଁ କେବଳ ଓଡ଼ିଶାରେ ସମୁଦାୟ ୫ ହଜାର ଟାୱାର ନିର୍ମାଣ ହେବ। ୨ ବର୍ଷ ଭିତରେ ସାରା ଓଡ଼ିଶାରେ ପହଞ୍ଚିବ ୫-ଜି ସେବା। ୨୦୨୪ ଅଗଷ୍ଟ ୧୫ ତାରିଖ ସୁଦ୍ଧା ରାଜ୍ୟର ସବୁ ଜାଗାରେ ଟାୱାର ଲାଗିବ। ପ୍ରାଥମିକ ପର୍ଯ୍ୟାୟରେ ଶହେଟି ଟାୱାରର ଶୁଭାରମ୍ଭ କରାଯାଇଛି। ଏହି ଟାୱାର ଗୁଡ଼ିକ କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନୂଆଗଡ଼ା, ରାୟଗଡ଼ା ଜିଲ୍ଲାରେ ସ୍ଥାପିତ ହୋଇଛି। ଖୁବ୍ ଶୀଘ୍ର ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ଏହି ସେବା ଉପଲବ୍ଧ ହେବ ବୋଲି କହିଛନ୍ତି ମନ୍ତ୍ରୀ ବୈଷ୍ଣବ। ଓଡ଼ିଶାବାସୀଙ୍କୁ ବିଶ୍ୱସ୍ତରୀୟ ମୋବାଇଲ ସେବା ଯୋଗାଇ ଦେବାକୁ ଏପରି ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ଏହାଦ୍ୱାରା ଡିଜିଟାଲ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆସି ପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଓଡ଼ିଶାରେ ୫-ଜି ସେବା ଆରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଫାଇବର କେବୁଲ ବିଛାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧ଶହ କୋଟି ଟଙ୍କା ଦେଇଛନ୍ତି। ଓଡ଼ିଶାର ପ୍ରତି ଗାଁ ଓ ସ୍କୁଲକୁ ହାଇସ୍ପିଡ କେବୁଲ ପହଞ୍ଚିବ। ଏହାଛଡ଼ା ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** — ପୁରୁଣା ରୋଗରୁ ମୁକ୍ତି ମିଳିବ। କିନ୍ତୁ ପିତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ିପାରେ। ସଞ୍ଚୟ ଖର୍ଚ୍ଚ ହୋଇଯାଇପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ବଢ଼ିବ। ପ୍ରତିକାର : ଦେବୀ ଦୁର୍ଗାଙ୍କୁ ଉପାସନା କରନ୍ତୁ।

**ବୃଷ** — ଶରୀରର ଉପରିଭାଗରେ ଅସୁବିଧା ହୋଇପାରେ। ବ୍ୟବସାୟରେ ଉନ୍ନତି ହେବ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଦମନ କରିପାରିବେ। ଶାନ୍ତି ପାଇବେ। ଗୃହରେ ଶାନ୍ତି ବଜାୟ ରହିବ। ପ୍ରତିକାର : ଦୁଗା ଚାଳିଶା ପାଠ କରନ୍ତୁ।

**ମିଥୁନ** — ଶ୍ୱାସ ସମ୍ବନ୍ଧୀୟ ରୋଗ ହୋଇପାରେ। ନୂତନ ବ୍ୟବସାୟ ପାଇଁ ଅନୁକୂଳ। ଅଳସୁଆ ହୁଅନ୍ତୁ ନାହିଁ। ସଞ୍ଚୟ ବଢ଼ିବ। ବିଳାସବ୍ୟସନରେ ଧନ ଖର୍ଚ୍ଚ ହେବନାହିଁ। ପ୍ରତିକାର : ଗୋ ମାତାଙ୍କୁ ସବୁଜ ଚାରା ଖୁଆନ୍ତୁ।

**କର୍କଟ** — ନୂତନ ବ୍ୟବସାୟ ପାଇଁ ସମୟ ଭଲ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଛାତ୍ରଛାତ୍ରୀମାନେ ପାଠରେ ମନ ଦେବେ। ପ୍ରେମ ବିବାହରେ ପରିଣତ ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କ ନାମ ଜପ କରନ୍ତୁ।

**ସିଂହ** — ବ୍ୟୟରେ ବୃଦ୍ଧି ଘଟିବ। ଶତ୍ରୁଙ୍କ ସଂଖ୍ୟା ବଢ଼ିବ। ମିତ୍ରଙ୍କ ସହଯୋଗ ପାଇବେ। ଯାତ୍ରାରେ ବ୍ୟସ୍ତ ରହିପାରନ୍ତି। ଅନୈତିକ ସମ୍ପର୍କରେ ମନ ଦିଅନ୍ତୁ ନାହିଁ। ପ୍ରତିକାର : ଭଗବାନ ବିଷ୍ଣୁଙ୍କୁ ହଳଦିଆ ଫଳପୁଷ୍ପ ଦିଅନ୍ତୁ।

**କନ୍ୟା** — ଆୟରେ ବୃଦ୍ଧି ଘଟିବ। ବିପରୀତ ଲିଙ୍ଗ ବ୍ୟକ୍ତିଙ୍କ ଠାରୁ ସହଯୋଗ ପାଇବେ। ପରିବାର ପାଇଁ ମୂଲ୍ୟବାନ ଜିନିଷ କିଣିବେ। ଛାତ୍ରଛାତ୍ରୀଙ୍କ ପାଇଁ ସବୁ ଦିଗରୁ ଅନୁକୂଳ। ପ୍ରତିକାର : ଦେବୀ ଦୁର୍ଗାଙ୍କୁ ଆରାଧନା କରନ୍ତୁ।

**ତୁଳା** — ନିଜକୁ ସନ୍ଦେହ କରନ୍ତୁ ନାହିଁ। ପ୍ରତିଦ୍ୱନ୍ଦ୍ୱୀମାନେ କ୍ଷତିଗ୍ରସ୍ତ ହେବେ। ତରବରିଆ ନିଷ୍ପତ୍ତି ନିଅନ୍ତୁନାହିଁ। କାର୍ଯ୍ୟକ୍ଷେତ୍ରରେ ସତର୍କ ହୁଅନ୍ତୁ। ପ୍ରତିକାର : ଦରିଦ୍ରଙ୍କୁ ଖାଦ୍ୟ ବଣ୍ଟନ କରନ୍ତୁ।

**ବିଛା** — ମନ ଅସ୍ଥିର ରହିବ। ବ୍ୟବସାୟରେ ସ୍ଥିରତା ରଖନ୍ତୁ। କାର୍ଯ୍ୟରେ ବାଣୀରେ ଲଗାମ ଲଗାନ୍ତୁ। ବ୍ୟୟରେ ବୃଦ୍ଧି ହେବ। ଦମ୍ପତିମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରତିକାର : ସୁନ୍ଦରାକାଣ୍ଡ ପାଠ କରନ୍ତୁ।

**ଧନୁ** — ସ୍ୱାସ୍ଥ୍ୟ ଉତ୍ତମ ରହିବ। କାର୍ଯ୍ୟକ୍ଷେତ୍ରରେ ନିଜର ମତ ସ୍ପଷ୍ଟ ରଖନ୍ତୁ। ପରିବାରରେ ଶାନ୍ତିରେ ସମୟ କଟିବ। କଥା କହିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ। ପ୍ରତିକାର : ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତୁ।

**ମକର** — ଅନେକ ଇଚ୍ଛା ପୂର୍ଣ୍ଣ ହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ସତର୍କ ହୋଇ ରହନ୍ତୁ। ଛାତ୍ରଛାତ୍ରୀମାନେ ସହଯୋଗ ପାଇବେ। ପ୍ରତିକାର : ଶନିବାର, ମଙ୍ଗଳବାର ସୁନ୍ଦରାକାଣ୍ଡ ପାଠ କରନ୍ତୁ।

**କୁମ୍ଭ** — କାର୍ଯ୍ୟକ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ବ୍ୟୟ ତୁଳନାରେ ଆୟ ଅଧିକ ହେବ। ପରିବାରରେ ସହଯୋଗ ପାଇବେ। ଛାତ୍ରମାନଙ୍କ ସମାଧାନ ଗୁରୁଙ୍କ ଦ୍ୱାରା ହୋଇପାରିବ। ପ୍ରତିକାର : କୌଣସି ଦିବ୍ୟାଙ୍ଗଙ୍କୁ ସାହାଯ୍ୟ କରନ୍ତୁ।

**ମୀନ** — ପୁରୁଣା ସମସ୍ୟାର ସମାଧାନ ହୋଇଯିବ। ଶତ୍ରୁମାନେ ପରାସ୍ତ ହେବେ। ବିଦେଶରୁ କିଛି ଅଶୁଭ ସମାଚାର ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ପ୍ରତିକାର : ଭଗବାନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୨୦୨୪ ଜାନୁଆରୀ ୧ରେ ଖୋଲିବ ଅଯୋଧ୍ୟାର ରାମ ମନ୍ଦିର

**ନୂଆଦିଲ୍ଲୀ :** ସାଧାରଣ ନିର୍ବାଚନ ୨୦୨୪ରେ ଅନୁଷ୍ଠିତ ହେବ। ସେହି ୨୦୨୪ର ଜାନୁଆରୀ ୧ରେ ଅଯୋଧ୍ୟରେ ନିର୍ମାଣ ଚାଲିଥିବା ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲିବ। ଆସନ୍ତାବର୍ଷ ଜାନୁଆରୀ ୧ରେ ରାମ ମନ୍ଦିର ଖୋଲିବ ବୋଲି ଆଜି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତ୍ରିପୁରାରେ ଘୋଷଣା କରିଛନ୍ତି। ୨୦୨୪ରେ ଲୋକସଭା ନିର୍ବାଚନ ହେବାକୁ ଥିବା ବେଳେ ପ୍ରଥମ ଦିନରେ ରାମ ମନ୍ଦିର ଖୋଲିବା ନିଶ୍ଚିତ ଭାବେ ବିଜେପି ପାଇଁ ଗେମ ଚେଞ୍ଜର ସାବ୍ୟସ୍ତ ହେବ। ଏଥିସହ ଦଳ କ୍ରମାଗତ ତୃତୀୟ ଥର କେନ୍ଦ୍ରରେ କ୍ଷମତା ଦଖଲ କରିବାରେ ରାମ ମନ୍ଦିର ଖୋଲିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜନୀତିକ ବିଶ୍ଲେଷକମାନେ ମତ ରଖିଛନ୍ତି। ଅମିତ ଶାହ କହିଛନ୍ତି, କଂଗ୍ରେସ ରାମ ମନ୍ଦିର ନିର୍ମାଣ କାମକୁ କୋର୍ଟରେ ଲମ୍ୱେଇ ଚାଲିଥିଲା। କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ଦିର ନିର୍ମାଣ କାମ ଆରମ୍ଭ କାରିଥିଲେ। ରାମ ମନ୍ଦିର କାମ ଜୋରସୋରରେ ଚାଲିଛି। ୨୦୨୪ ଜାନୁଆରୀ ୧ ସୁଦ୍ଧା ଏହା ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଥିବ। ନିର୍ମାଣ ସରିବା ପରେ ଜାନୁଆରୀ ୧ ତାରିଖ ୨୦୨୪ରେ ଏହାକୁ ଖୋଲା ଯିବ। ତ୍ରିପୁରାରେ ଗୋଟିଏ ଜନସଭାକୁ ସମ୍ବୋଧନ କରି ଶାହ କହିଛନ୍ତି, ଅଯୋଧାରେ ରାମଲଲାଙ୍କ ମନ୍ଦିର ନିର୍ମାଣ ହେବା ଦରକାର କି ନୁହେଁ? ଯେବେଠାରୁ ବାବର ଏହାକୁ ଭାଙ୍ଗି ଥିଲା ସେବେଠୁ ଓ ଯେବେଠୁ ଦେଶ ସ୍ୱାଧୀନତା ହୋଇଥିଲା ସେବେଠୁ, କଂଗ୍ରେସ ଦଳ କୋର୍ଟରେ ଏହି ମାମଲାକୁ ଗଡ଼ାଇ ଚାଲିଥିଲା। ଜିଲ୍ଲା କୋର୍ଟ, ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମାମଲା ଗଡ଼ି ଚାଲିଥିଲା। କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ମୋଦିଜୀ ତୁରନ୍ତ ଆକ୍ସନ ମୋଡକୁ ଆସିଥିଲେ। ରାୟ ଆସିବା କ୍ଷଣି ରାମଲଲାଙ୍କ ମନ୍ଦିର ପାଇଁ ଭୂମି ପୂଜନ ହୋଇଥିଲା ଓ ମନ୍ଦିରର ନିର୍ମାଣ କାମ ଆରମ୍ଭ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନ ବେଳେ ମୁଁ ବିଜେପିର ଅଧ୍ୟକ୍ଷ ଥିଲି ଓ ରାହୁଲ ଗାନ୍ଧି କଂଗ୍ରେସର ସଭାପତି ଥିଲା। ରାହୁଲ ଗାନ୍ଧି ଆସୁଥିଲେ ଓ କହୁଥିଲେ ଯେ ମନ୍ଦିର ସେଠାରୁ କରିବୁ। କିନ୍ତୁ ତିଥି କହିବୁ ନାହିଁ ବୋଲି ମତ ଦେଇ ଆମକୁ ତାଚ୍ଛଲ୍ୟ କରୁଥିଲେ। ଏବେ ରାହୁଲ ଗାନ୍ଧି କାନ ଖୋଲି ଶୁଣି ନିଅନ୍ତୁ। ଆସନ୍ତା ୨୦୨୪ ଜାନୁଆରୀ ୧ ତାରିଖ ବେଳକୁ ଅଯୋଧାରେ ଆକାଶ ଚୁମ୍ବୀ ରାମ ମନ୍ଦିର ନିର୍ମାଣ କାମ ଶେଷ ହୋଇ ସାରିଥିବ। ଗତବର୍ଷ ନଭେମ୍ବର ମାସରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମ ମନ୍ଦିରର ନିର୍ମାଣ କାମ ୫୦% ଶେଷ ହୋଇ ସାରିଥିବା କହିଥିଲେ। ଚଳିତ ବର୍ଷ ଡିସେମ୍ବର ମାସ ସୁଦ୍ଧା ଏହା ସର୍ବସାଧାରଣଙ୍କ ପାଇଁ ପ୍ରସ୍ତୁତ ହୋଇସାରିଥିବ ବୋଲି ସେ କହିଥିଲେ।



# ୨୦୨୩ରେ ଭାରତର ଆର୍ଥିକ ସ୍ଥିତି ଭଲ ରହିବ

**ମୁମ୍ବାଇ :** ୨୦୨୩ରେ ଚୀନ୍‌ରେ ଆଗତ କୋଭିଡ୍ ସଂକଟ ଓ ବିଶ୍ୱ ମାନ୍ଦାବସ୍ଥା ଦ୍ୱାରା ଭାରତର କର୍ପୋରେଟ ଜଗତ ପ୍ରଭାବିତ ହେବା ଆଶଙ୍କା କମ୍। ମହାମାରୀରୁ ଭାରତ ଯେଉଁ ଶିକ୍ଷା ଗ୍ରହଣ କରିଛି, ତାହା ତାକୁ ଏ ଦିଗରେ ସାହାଯ୍ୟ କରିବ ବୋଲି କର୍ପୋରେଟ୍ ମୁଖିଆମାନେ କହିଛି। ଭାରତରେ ବଜାର ଚାହିଦା ଓ ଆର୍ଥିକ ସ୍ଥିତି ବେଶ୍ ଭଲ ରହିଛି। ଆର୍ଥିକ ଅଭିବୃଦ୍ଧି ଦୃଷ୍ଟିରୁ ବି ଭାରତର ସ୍ଥିତି ଅନେକ ଦେଶ ଅପେକ୍ଷା ଭଲ ରହିଛି। କଳକାରଖାନା ଓ ଶିଳ୍ପସଂସ୍ଥାଗୁଡ଼ିକର ଉତ୍ପାଦନ ବେଶ୍ ଭଲ ରହିଛି। ତଥାପି ଆଭ୍ୟନ୍ତରୀଣ ସ୍ଥିତି ଭଲ ଥିଲେ ବି କେତେକ ବାହ୍ୟ କାରଣ ଆୟ ବୃଦ୍ଧିରେ ବାଧକ ସାଜିପାରେ। ଭାରତୀୟ ଶିଳ୍ପ ସଂଘର ଅଧ୍ୟକ୍ଷ ସଂଜୀବ ବଜାଜଙ୍କ କହିବା ଅନୁସାରେ ଆମେରିକା ଓ ୟୁରୋପ ପରି ଯେଉଁସବୁ ଦେଶକୁ ଭାରତ ରପ୍ତାନି କରିଥାଏ, ୨୦୨୩-୨୪ ଆର୍ଥିକ ବର୍ଷରେ ସେସବୁ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଦେଖାଯିବ। ସେଥିପାଇଁ ସେସବୁ ଦେଶରେ ଭାରତୀୟ ସାମଗ୍ରୀର ଚାହିଦା କମ୍ ରହିବ। ତେଣୁ ଅନେକ ପ୍ରମୁଖ ଭାରତୀୟ କମ୍ପାନି କିଛି ପରିମାଣରେ ଅନ୍ୟ ଦେଶର ବଜାର ଉପରେ ନଜର ପକାଇଛନ୍ତି। ଏହାଦ୍ୱାରା ସେମାନଙ୍କ ରପ୍ତାନି ପରିମାଣ ଓ ଅଭିବୃଦ୍ଧିରେ ହାନି ଘଟିବ ନାହିଁ। ବଜାଜ ଫିନସର୍ଭର ଅଧ୍ୟକ୍ଷ ପୁନଶ୍ଚ କହିଛନ୍ତି ଯେ ଚୀନ୍‌ର ଆର୍ଥିକ ଭଙ୍ଗୁରତା ଓ ଋଷ-ୟୁକ୍ରେନ୍ ଯୁଦ୍ଧ ଆମ କର୍ପୋରେଟ୍ କ୍ଷେତ୍ରକୁ



ଅନୁକୂଳିତ ଓ ସ୍ଥିତିସ୍ଥାପକ ଯୋଗାଣ ଶୃଙ୍ଖଳ ଗଠନ ପାଇଁ ଅନୁପ୍ରେରିତ କରିଛି। ରିନ୍ୟୁ ପାୱାର ଓ ଆସୋଚାମର ଅଧ୍ୟକ୍ଷ ସୁମନ୍ତ ସିହ୍ନାଙ୍କ କହିବା ଅନୁସାରେ, ବିଶ୍ୱର ବଡ଼ବଡ଼ ଦେଶ ପାଇଁ ଚାଇନା-ପ୍ଲସ୍ ୱାନ୍ ଟେକ୍ନିକ୍‌ରେ ସହଯୋଗମୂଳକ ଭାବେ କାମ କରିବା ନିମନ୍ତେ ଆମର କଭରେଜ୍ ମେକର (ଇନ୍ସ୍ୟୁରାନ୍ସ ସଂସ୍ଥା) ଓ ସିଇଓମାନେ ପ୍ରସ୍ତୁତ ହେଉଛନ୍ତି। ମୁକ୍ତ-ବାଣିଜ୍ୟ ରାଜିନାମା ଏ ଦିଗରେ କେତେକ ଦ୍ୱାର ଉନ୍ମୁକ୍ତ କରିପାରେ, କିନ୍ତୁ ବିଶ୍ୱ ବଜାରରେ ନିରନ୍ତର ତିଷ୍ଠିରହିବା ପାଇଁ ଚଳଚଞ୍ଚଳତା ଓ ପ୍ରତିଯୋଗିତା ଜରୁରି। ଟାଟା ସନ୍ସ ଅଧ୍ୟକ୍ଷ ଏନ୍ ଚନ୍ଦ୍ରଶେଖରନ୍ କହିଛନ୍ତି, ଭାରତର ମୁଖ୍ୟ ଅର୍ଥ ବ୍ୟବସ୍ଥା ଦ୍ରୁତତର ଅଭିବୃଦ୍ଧିଶୀଳ ସ୍ଥିତିରେ ରହିଛି। କାରଣ ଖାଉଟିମାନଙ୍କ ଚାହିଦା ବଢୁଛି, ବିକ୍ରି ବଢୁଛି, ବ୍ୟବସାୟୀମାନଙ୍କ ଆତ୍ମପ୍ରତ୍ୟୟ ବଢୁଛି ଏବଂ ପାଣ୍ଠି ଯୋଗାଣ ବି ବୃଦ୍ଧି ପାଉଛି। ତେଣୁ ୨୦୨୩ରେ ବିଶ୍ୱ ମାନ୍ଦାବସ୍ଥା ଦ୍ୱାରା ଭାରତ ବିଶେଷ ପ୍ରଭାବିତ ହେବ ନାହିଁ ବୋଲି କର୍ପୋରେଟ୍ ମୁଖିଆମାନେ ମତବ୍ୟକ୍ତ କରିଛନ୍ତି।

**କର୍ମଚାରୀଙ୍କୁ ଦରମା ଦେବାକୁ ପାକିସ୍ତାନ ପାଖରେ ନାହିଁ ଅର୍ଥ**

# ୨୫ ବିଲିୟନ ଟଙ୍କାର ଗ୍ରାଚ୍ୟୁଇଟି ବକେୟା

**ନୂଆଦିଲ୍ଲୀ :** ଦିନକୁ ଦିନ ଦେବାଳିଆ ହେବାରେ ଲାଗିଛି ପାକିସ୍ତାନ। ଚାଇନାର କରଜ ପାହାଡ ତଳେ ଦବି ରହିଥିବା ପାକିସ୍ତାନର ଅସ୍ଥିର ଆଇନ ଶୃଙ୍ଖଳା ଏହାକୁ ଅଧିକ ଅଡଆରେ ପକାଇଛି। ଘୋର ଆର୍ଥିକ ସଙ୍କଟ ଯୋଗୁ ଅଧିକାଂଶ ସରକାରୀ ବିଭାଗ ନଗଦ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପାକିସ୍ତାନର ଆର୍ଥିକବସ୍ଥା ଏତେ ଦୟନୀୟ ହୋଇଛି ଯେ, ସେଠାରେ ବର୍ତ୍ତମାନ କର୍ମଚାରୀଙ୍କୁ ବେତନ ଦେବା ପାଇଁ ସରକାରଙ୍କ ପାଖରେ ଅର୍ଥ ନାହିଁ। ସରକାର କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ମିଳୁନାହିଁ। ପରିସ୍ଥିତି ଏପରି ଯେ ଗତ ବର୍ଷକ ମଧ୍ୟରେ ଅବସର ନେଇଥିବା ଅନେକ ଅଧିକାରୀ/ କର୍ମଚାରୀଙ୍କୁ ଏ ଯାଏ ଗ୍ରାଚ୍ୟୁଇଟି ମିଳିନାହିଁ। ଅବସର ନେଇଥିବା ର୍କମଚାରୀ ଓ ଅଧିକାରୀଙ୍କ ଗ୍ରାଚ୍ୟୁଇଟି ବାବଦ ପ୍ରାୟ ୨୫ ବିଲିୟନ ଟଙ୍କାର ବକେୟା ଅର୍ଥ ପେମେଣ୍ଟ କରିବାକୁ ସରକାରୀ ବିଭାଗ ପାଖରେ ଟଙ୍କା ନାହିଁ। ଏଥିସହିତ କର୍ମଚାରୀଙ୍କ ମାସିକ ଦରମା ଏବଂ ଅବସରପ୍ରାପ୍ତ ଅଧିକାରୀଙ୍କ ପେନ୍ସନ୍ ମଧ୍ୟ ଦିଆଯାଉନାହିଁ। ଏପରିକି ରେଳ ବିଭାଗର ଅବସ୍ଥା ସେଠାରେ ସବୁଠାରୁ ଖରାପ। ରେଳବାଇ ନିକଟରେ ଡିଜେଲ କିଣିବା ପାଇଁ ଟଙ୍କା ନାହିଁ। ଏହି କାରଣରୁ ଟ୍ରେନ୍ଗୁଡିକ ମଧ୍ୟ ସଠିକ୍ ଭାବରେ ଚାଲିପାରୁନାହିଁ। ଅତୀତରେ, ପାକିସ୍ତାନର ଟ୍ରେନ୍ ଡ୍ରାଇଭରମାନେ



ଦରମା ପାଇ ନ ଥିବାରୁ ଏହାକୁ ବିରୋଧ କରି ସାରା ଦେଶରେ ଧର୍ମଘଟ କରିବାକୁ ନିଷ୍ପତ୍ତି ନେଇଥିଲେ। ପାକିସ୍ତାନର ଲୋକମାନେ ବର୍ତ୍ତମାନ ଠିକ୍ ସମୟରେ ଏଲପିଜି ଗ୍ୟାସ ପାଉନାହାଁନ୍ତି। ସେଠାରେ ରନ୍ଧନ ଗ୍ୟାସ୍ ସଙ୍କଟ ଏତେ ଗଭୀର ହୋଇଛି ଯେ ଲୋକମାନେ ବଡ଼ ପ୍ଲାଷ୍ଟିକ୍ ବ୍ୟାଗରେ ଗ୍ୟାସ୍ ଷ୍ଟକ୍ ରଖିବା ଆରମ୍ଭ କରିଛନ୍ତି। ଲୋକେ ପ୍ଲାଷ୍ଟିକ ବ୍ୟାଗରେ ଗ୍ୟାସ୍ ଭରିବା ଘଟଣାର ଭିଡିଓ ଏବଂ ଫଟୋଗ୍ରାଫ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି। ଅପରପକ୍ଷେ ପାକିସ୍ତାନରେ ମୁଦ୍ରାସ୍ଫୀତି ସମସ୍ତ ରେକର୍ଡ ଭାଙ୍ଗିଛି। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ କହିବାନୁଯାୟୀ ଯଦି ଦେଶ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଠାରୁ ଶୀଘ୍ର ଋଣ ପାଇବ ନାହିଁ, ତେବେ ଏହା ଖିଲାପକାରୀ ଘୋଷିତ ହେବ। ସେସବୁ ଦୃଷ୍ଟିରୁ ବର୍ଷ ୨୦୨୩ ପାକିସ୍ତାନ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ।

# ଜାତୀୟ ଗ୍ରୀନ ହାଇଡ୍ରୋଜେନ ମିଶନକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ



**ନୂଆଦିଲ୍ଲୀ :** କେନ୍ଦ୍ର କ୍ୟାବିନେଟ ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ ମିଶନକୁ ଅନୁମୋଦନ କରିଛି। ଏହା ଫଳରେ ଭାରତ ଏହାର ଉତ୍ପାଦନ, ବ୍ୟବହାର ଏବଂ ରପ୍ତାନି ସମ୍ପର୍କିତ ଜ୍ଞାନକୌଶଳ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ହବ୍ ହୋଇପାଇବ। ସବୁଜ ହାଇଡ୍ରୋଜେନ୍ ମିଶନ୍ ଧୀରେ ଧୀରେ ଶିଳ୍ପ, ପରିବହନ ଏବଂ ଶକ୍ତି କ୍ଷେତ୍ରରେ ସୃଷ୍ଟି ହେଉଥିବା ଅଙ୍ଗାରକ ପରିମାଣ ହ୍ରାସ କରାଇବାରେ ସହାୟକ ହେବ ଫଳରେ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଆମଦାନୀ ମାଧ୍ୟମରେ ଭାରତ ଏହାର ଶକ୍ତି ଆବଶ୍ୟକତାର ଏକ ବଡ଼ ଅଂଶ ପୂରଣ କରେ ଏବଂ ଆମଦାନୀ ହୋଇଥିବା ଇନ୍ଧନର ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଏହି ସବୁଜ ହାଇଡ୍ରୋଜେନ୍ ମିଶନ୍ ଏକ ବିଧିବଦ୍ଧ ବ୍ୟବସ୍ଥା ହୋଇପାରିବ। ଏହି ମିଶନ ପାଇଁ ପ୍ରାରମ୍ଭିକ ଆର୍ଥିକ ଖର୍ଚ୍ଚ ୧୯ ହଜାର ୭୪୪ କୋଟି ଟଙ୍କା ହୋଇଛି, ଯେଉଁଥିରେ ଅନୁସନ୍ଧାନ ଏବଂ ବିକାଶ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହି ମିଶନ ଅଧୀନରେ ସରକାର ବାର୍ଷିକ ସବୁଜ ହାଇଡ୍ରୋଜେନ ଉତ୍ପାଦନକୁ ୫ ନିୟୁତ ଟନକୁ ବୃଦ୍ଧି କରିବା, ପ୍ରାୟ ୧୨୫ ଗିଗାୱାଟର ନବୀକରଣଯୋଗ୍ୟ ଶକ୍ତି କ୍ଷମତା ଯୋଗାଇବା, ୮ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ବିନିଯୋଗ, ଲକ୍ଷ ଲକ୍ଷ ଚାକିରୀ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜୀବାଶ୍ମ ଇନ୍ଧନ ଆମଦାନୀ କ୍ଷେତ୍ରରେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ହ୍ରାସ କରିବା ପାଇଁ ଯୋଜନା କରିଛନ୍ତି। ଏହାଛଡା ଏହି ମିଶନ୍ ଅଙ୍ଗାରକାମ୍ଳ ନିର୍ଗମନକୁ ପ୍ରାୟ ୫୦ ନିୟୁତ ଟନ୍ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

# ବାକ୍ ସ୍ୱାଧୀନତା ଉପରେ ଲଗାଯାଇପାରିବନି କଟକଣା: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ:** ବାକ୍ ସ୍ୱାଧୀନତା ଉପରେ ଅଧିକ କଟକଣା ଲାଗିପାରିବ ନାହିଁ । ଜଣେ ମନ୍ତ୍ରୀଙ୍କ ମନ୍ତବ୍ୟ ପାଇଁ ସରକାରଙ୍କୁ ପରୋକ୍ଷରେ ଦାୟୀ କରାଯାଇପାରିବ ନାହିଁ। ଏଥିସହ ସରକାରୀ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଅତିରିକ୍ତ କଟକଣା ଲଗାଯାଇପାରିବ ନାହିଁ। ବାକ୍ ସ୍ୱାଧୀନତା ତଥା ମତପ୍ରକାଶର ଅଧିକାରକୁ ନେଇ ସୁପ୍ରିମକୋର୍ଟଙ୍କ ୫ଜଣିଆ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ବାକ୍ ସ୍ୱାଧୀନତା ନେଇ ଅଦାଲତ କହିଛନ୍ତି ଯେ, ସେମାନଙ୍କ ବୟାନ ପାଇଁ ସେମାନେ ନିଜେ ଦାୟୀ। ସମ୍ବିଧାନର ଧାରା ୧୯(୨)ରେ ପୂର୍ବରୁ ଏହି ସ୍ୱାଧୀନତା ଉପରେ କିଛି ଅଙ୍କୁଶ ରହିଛି। ଏହି ଧାରା ବାହାରେ ସେମାନଙ୍କ ଉପରେ କୌଣସି ଅତିରିକ୍ତ କଟକଣା ଲଗାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ରାୟ ଦେଇଛନ୍ତି। ସେପଟେ ଏହି ୫ ଜଣିଆ ଖଣ୍ଡପୀଠରେ କେବଳ ଜଣେ ବିଚାରପତି ଜଷ୍ଟିସ ବି ଭି ନାଗରତ୍ନା ଭିନ୍ନମତ ରଖିଥିଲେ। ଜଷ୍ଟିସ୍ ଏସ୍ ଅବଦୁଲ ନଜିରଙ୍କ ତତ୍ତ୍ୱାବଧାନରେ



ଗଠିତ ଏହି ଖଣ୍ଡପୀଠର ଅନ୍ୟ ବିଚାରପତିମାନେ ହେଲେ ବିଆର୍ ଗଭାଇ, ଏ.ଏସ୍. ବୋପନ୍ନା ଏବଂ ଭି. ରାମସୁବ୍ରମଣ୍ୟମ। ଜଷ୍ଟିସ ନାଗରତ୍ନା କହିଥିଲେ ଯେ କୌଣସି ମନ୍ତ୍ରୀ ଯଦି ତାଙ୍କ କ୍ଷମତା ଆଧାରରେ କୌଣସି ଅପମାନଜନକ ବୟାନ ଦିଅନ୍ତି, ତାହାକୁ ଅପ୍ରତ୍ୟକ୍ଷ ଭାବେ ସରକାରଙ୍କ ସହିତ ଯୋଡ଼ା ଯାଇପାରିବ। ଘୃଣା ସୃଷ୍ଟିକାରୀ ଭାଷଣ ଭାରତ ଭଳି ରାଷ୍ଟ୍ରରେ ବିଭେଦ ଓ ବୈଷମ୍ୟ ବଢ଼ାଇଥାଏ। ଏହା ନାଗରିକମାନଙ୍କ ଉପରେ ପ୍ରହାର ବୋଲି ଜଷ୍ଟିସ ନାଗରତ୍ନା କହିଥିଲେ।

**ଚୀନ୍ ପରେ ବ୍ରିଟେନରେ ସ୍ଥିତି ଅଣାୟତ୍ତ**

# ମାଡିଚାଲିଛି ସଂକ୍ରମଣ, ହସ୍ପିଟାଲରେ ମିଳୁନି ଶଯ୍ୟା

**ଲଣ୍ଡନ :** କରୋନାର ଜନନୀ ଚୀନ୍ ପରେ ଏବେ ବ୍ରିଟେନରେ ମହାମାରୀ ସ୍ଥିତି ଅଣାୟତ୍ତ ହୋଇଯାଇଛି। ଏଠାରେ କରୋନା ରୋଗୀସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ ହସ୍ପିଟାଲରେ ବେଡ୍ ଅଭାବ ଦେଖାଦେଇଛି। ଅକ୍ସଫୋର୍ଡ ସହରର ରେଡକ୍ଲିଫ ହସ୍ପିଟାଲରୁ ଏହାର ଭୟାନକ ଚିତ୍ର ସାମ୍ନାକୁ ଆସିଛି। ଏଥିରେ ଏକ ଶିଶୁ ବେଡ୍ ନ ପାଇଁ ପ୍ଲାଷ୍ଟିକ୍ ଚୌକିରେ ଗଡୁଥିବା ଦେଖାଯାଉଛି। ଚିକିତ୍ସା ପାଇଁ ୨୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଜରୁରୀ ଚିକିତ୍ସା ନ ମିଳିବାରୁ ପ୍ରତି ସପ୍ତାହରେ ୩୦୦ରୁ ୫୦୦ ଲୋକ ପ୍ରାଣ ହରାଉଛନ୍ତି। ହସ୍ପିଟାଲକୁ ଅମ୍ଳଜାନ ଯୋଗାଣ କମ୍ ହୋଇଯାଇଛି। ଏଠାରେ କରୋନା ସଂକ୍ରମଣ ସହିତ ବିପଜ୍ଜନକ ଫ୍ଲୁ ମଧ୍ୟ ବ୍ୟାପିବାରେ ଲାଗିଛି। ନଭେମ୍ବର ତୁଳନାରେ ଡିସେମ୍ବରରେ ହସ୍ପିଟାଲରେ ଭର୍ତ୍ତି ହେବା ରୋଗୀସଂଖ୍ୟା ୩୫୫ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ସ୍ୱିଡେନରେ ମଧ୍ୟ ସମାନ ସ୍ଥିତି ରହିଛି। ଏଠାରେ ରୋଗୀସଂଖ୍ୟା ଏତେ ବଢ଼ିଯାଇଛି ଯେ ହସ୍ପିଟାଲରେ ଭର୍ତ୍ତି ହେବା ପାଇଁ ୯୯ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଏଥି ସହିତ ୟୁକ୍ରେନ ଯୁଦ୍ଧ ସହିତ କରୋନା ସଙ୍ଗେ ମଧ୍ୟ ଲଢ଼େଇ କରୁଛି। କରୋନା ସଂକ୍ରମଣ ସହିତ ହସ୍ପିଟାଲରେ ରୋଗୀସଂଖ୍ୟା ବୃଦ୍ଧି ପାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଫେଡିର ଲ୍ୟାପିଙ୍କ ଅନୁଯାୟୀ ଏଠାରେ ପ୍ରତି ସପ୍ତାହରେ ମହାମାରୀରେ ୫୦ରୁ ୭୦ ଲୋକଙ୍କ ଜୀବନ ଯାଉଛି। ଏମାନଙ୍କ ମଧ୍ୟରୁ ୯୦ ପ୍ରତିଶତଙ୍କ ବୟସ ୬୦ ବର୍ଷରୁ ଅଧିକ ରହିଛି। ଏହି ତଥ୍ୟ ଆହୁରି ଅଧିକ ହୋଇପାରେ। କିନ୍ତୁ ଲୋକେ ଚିକିତ୍ସା ପାଇଁ ଡାକ୍ତରଙ୍କ ନିକଟକୁ ଯାଇପାରୁ ନାହାନ୍ତି। ଅନ୍ୟପକ୍ଷରେ କରୋନାରେ କଲବଲ ହେଉଥିବା ଚୀନ୍‌କୁ ୟୁରୋପୀୟ ସଂଘ (ଇୟୁ) ମାଗଣା ଟିକା ଦେବାକୁ ପ୍ରସ୍ତାବ ଦେଇଛି। ଲଣ୍ଡନର ଗ୍ଲୋବାଲ ହେଲ୍ଥ ଇଣ୍ଟେଲିଜେନ୍ସ କମ୍ପାନୀ



ଏୟାରଫିନିଟି ଅନୁଯାୟୀ ଚୀନ୍‌ରେ ଦିନକୁ ୯ ହଜାର ରୋଗୀ ପ୍ରାଣ ହରାଉଛନ୍ତି। ଆସନ୍ତା ୧୩ ତାରିଖରେ ଏଠାରେ କରୋନା ସଂକ୍ରମଣ ଶିଖର ଛୁଇଁବ। ଏହି ସମୟରେ ଦିନକୁ ୩୭ ଲକ୍ଷ ରୋଗୀ ଚିହ୍ନଟ ହେବେ। ଜାନୁଆରୀ ୨୩ରେ ୨୫ ହଜାର ସଂକ୍ରମିତ ପ୍ରାଣ ହରାଇବେ ବୋଲି ଆକଳନ କରାଯାଇଛି। ଝେଜିଆଙ୍ଗ ପ୍ରଦେଶର ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ ଗତ ସପ୍ତାହରେ ରାଜ୍ୟରେ ଦିନକୁ ୧୦ ଲକ୍ଷ ଲୋକ ସଂକ୍ରମିତ ହେଉଥିଲେ। ଏହି ସମୟରେ କିଙ୍ଗାଦାଓରୁ ୫ ଲକ୍ଷ ମାମଲା ଆସୁଥିଲା। ଚୀନ୍‌ରେ ମେଡିକାଲ ପଢୁଥିବା ତାମିଲନାଡୁର ଜଣେ ଛାତ୍ର ଅବଦୁଲ ଶେଖ୍ (୨୨)ଙ୍କ ମୃତ୍ୟୁ ହୋଇଛି। କୌଣସି ରୋଗ ଯୋଗୁଁ ତାଙ୍କର ମୃତ୍ୟୁ ହେଉଥିବା କୁହାଯାଉଛି। କିନ୍ତୁ ଏହାର ପ୍ରକୃତ କାରଣ କୁହାଯାଉନାହିଁ। ଅବଦୁଲ୍‌ଙ୍କ ଶବ ଆଣିବା ଲାଗି ତାଙ୍କ ପରିବାର ସଦସ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏ ପର୍ଯ୍ୟନ୍ତ ଚୀନ୍‌ରୁ ଆସୁଥିବା ଯାତ୍ରୀଙ୍କ ଉପରେ ୧୩ ଦେଶ କଟକଣା ଲଗାଇ ଲେଣି। ଏହି ତାଲିକାରେ ଭାରତ, ଅଷ୍ଟ୍ରେଲିଆ, କାନାଡା, ଜାପାନ, ଇସ୍ରାଏଲ, ପାକିସ୍ତାନ, ଦକ୍ଷିଣ କୋରିଆ ଆଦି ସାମିଲ ଅଛନ୍ତି। ତାଇୱାନ ମଧ୍ୟ ଚୀନ୍‌ରୁ ଫେରୁଥିବା ରୋଗୀଙ୍କ କରୋନା ପରୀକ୍ଷଣକୁ ବାଧ୍ୟତାମୂଳକ କରିଦେଇଛି। ବିଭିନ୍ନ ଦେଶର କଟକଣାକୁ ଦେଖି ଚୀନ୍ ବିଚଳିତ ହୋଇଯାଇଛି। ଏଥିପାଇଁ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଛି। କିଛି ଦେଶ କେବଳ ଚୀନ ଯାତ୍ରୀଙ୍କୁ ଲକ୍ଷ୍ୟ ରଖି କଟକଣା ଲଗାଉଥିବା ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଏହାକୁ କେବେ ବି ଗ୍ରହଣ କରାଯିବନାହିଁ।

ଚେତାବନୀ ଦେଲା ସ୍ୱାସ୍ଥ୍ୟ ବିଭାଗ

# ମାର୍ଚ୍ଚରେ ଆସିପାରେ ଚତୁର୍ଥ ଲହର

**ଭୁବନେଶ୍ୱର :** ବିଭିନ୍ନ ଦେଶରେ କୋଭିଡ୍ ସଂକ୍ରମଣର ଊର୍ଦ୍ଧ୍ୱଗାମୀ ଧାରା ସମଗ୍ର ବିଶ୍ୱର ଚିନ୍ତା ଉଦ୍ରେକ କରିଛି। ଏହି ସ୍ଥିତିରେ ଭାରତରେ ଓମିକ୍ରନ୍‌ର ନୂଆ ଭାରିଆଣ୍ଟ ଏକ୍ସବିବି ୧.୫ ଚିହ୍ନଟ ଏହି ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ୩୦/୪୫ ଦିନ ପର୍ଯ୍ୟନ୍ତ ଅତ୍ୟନ୍ତ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅପିଲ କରାଯାଇଛି। କୋଭିଡ୍ ନିୟମ ପାଳନରେ ଅବହେଳା କଲେ ସ୍ଥିତି ଖରାପ ହେବାକୁ ବେଶି ସମୟ ଲାଗିବ ନାହିଁ ବୋଲି ବିଭାଗ ପକ୍ଷରୁ ଚେତାଇ ଦିଆଯାଇଛି। ସାରା ବିଶ୍ୱରେ ଏବେ କରୋନାର ନୂଆ ଭାରିଆଣ୍ଟ ପୁଣି ଚିନ୍ତା ବଢାଇ ଦେଇଛି। ବିଶ୍ୱର ଅଧିକାଂଶ ଦେଶରେ କରୋନାର ତାଣ୍ଡବ ଲୀଳା ଜାରି ରହିଥିବା ବେଳେ ଏବେ ଭାରତକୁ ମଧ ପ୍ରବେଶ କରୁଛି ଏହି ମହାମାରୀ। ତେବେ ଓଡିଶାରେ କରୋନାର ଭବିଷ୍ୟତକୁ ନେଇ ଏବେ ଏକ ବଡ ଖବର ସାମନାକୁ ଆସିଛି। ଖୁବଶୀଘ୍ର ଓଡିଶାରେ କରୋନାର ଚତୁର୍ଥ ଲହର ପାଦ ଥାପିପାରେ ବୋଲି ଅନୁମାନ କରାଯାଉଛି। ଆସନ୍ତା ମାର୍ଚ୍ଚ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ କରୋନା ମହାମାରୀର ଚତୁର୍ଥ ଲହର ଓଡିଶାରେ ପହଞ୍ଚିପାରେ ବୋଲି ଆକଳନ କରାଯାଇଛି। ଏ ନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଅଜିତ ମହାନ୍ତି। ତେବେ ମାର୍ଚ୍ଚ ମାସରେ ଚତୁର୍ଥ ଲହର ଓଡିଶାକୁ ପ୍ରଭାବିତ କରିପାରେ ବୋଲି ସେ ଆକଳନ କରିଛନ୍ତି। ବିଦେଶରେ ସଂକ୍ରମଣ ବଢୁଥିବା କାରଣରୁ ରାଜ୍ୟରେ ସମ୍ଭାବ୍ୟ ସ୍ଥିତିର ମୁକାବିଲା ଲାଗି ଆଇସିଏମଆର ଗାଇଡଲାଇନ ମାନିବା ଲାଗି ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। କୌଣସି ଲକ୍ଷଣ ଦେଖାଗଲେ ତୁରନ୍ତ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ବିଶ୍ୱକପ ହକି ବେଳେ ଖେଳାଳି, ଦର୍ଶକ, ଲୋକଙ୍କ ଜରିଆରେ ସଂକ୍ରମଣ ସମ୍ଭାବନା ରହିଛି ବୋଲି ସତର୍କ କରାଇଛି ସ୍ୱାସ୍ଥ୍ୟ ବିଭାଗ। ଏଣୁ ଏଥିଲାଗି କୋଭିଡ ଗାଇଡଲାଇନ ମାନିବା ଲାଗି କୁହାଯାଇଛି। ରାଜ୍ୟରେ ଟିକାକରଣ ସଫଳ ହୋଇଛି। ଦେଶରେ ବର୍ତ୍ତମାନ ଚତୁର୍ଥ ଲହରୀ ଆସିନାହିଁ। ରାଜନୈତିକ ଇଚ୍ଛାଶକ୍ତି, ଦୃଢ଼ ମନୋବଳ ଯୋଗୁଁ ରାଜ୍ୟରେ କୋଭିଡ ମୁକାବିଲା ସଫଳ ହୋଇଛି। ଯେଉଁମାନେ ଦୁଇଟି ଡୋଜ ନେଇଛନ୍ତି ସେମାନେ ନାଜାଲ ଡୋଜ ନେଇପାରିବେ ବୋଲି କୁହାଯାଇଛି। ରାଜ୍ୟରେ ୯୦% ଲୋକ ଡବଲ ଡୋଜ ଟୀକା ନେଇଛନ୍ତି। ୪୦% ବୁଷ୍ଟର ଡୋଜ ନେଇଛନ୍ତି, ବାକି ଲୋକେ ନେଇ ଯାଆନ୍ତୁ। ଯେଉଁମାନେ ଡବଲ ଡୋଜ ନେଇ ସାରିଥିବେ ସେମାନେ ନାଜାଲ ଭାକ୍‌ସିନ ନେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା.ଅଜିତ ମହାନ୍ତି ପ୍ରକାଶ କରିଛନ୍ତି।



# ରାଜ୍ୟରେ ୩.୨୩ କୋଟି ଭୋଟର

**ଭୁବନେଶ୍ୱର :** ୨୦୨୩ ମସିହାର ଚୂଡ଼ାନ୍ତ ଫଟୋ ଭୋଟର ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ଏବେ ମୋଟ ୩କୋଟି ୨୩ ଲକ୍ଷ ୪୯ହଜାର ୩୪୧ଜଣ ଭୋଟର ଅଛନ୍ତି। ସେଥିରୁ ୧କୋଟି ୬୪ଲକ୍ଷ ୯୬ହଜାର ୧୫୩ଜଣ ପୁରୁଷ ଓ ୧କୋଟି ୫୮ଲକ୍ଷ ୪୯ହଜାର ୯୬୬ଜଣ ମହିଳା ଏବଂ ୩୨୨୨ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ଚଳିତଥର ମୋଟ ୫.୯୪ଲକ୍ଷ ନୂଆ ଭୋଟର ସାମିଲ ହୋଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ୧୪୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚିଠା ଫଟୋ ଭୋଟର ତାଲିକା ଗତ ୨୦୨୨ ନଭେମ୍ବର ୯ତାରିଖରେ ପ୍ରକାଶିତ ହୋଇଥିଲା। ଭୋଟର ତାଲିକାରେ ତ୍ରୁଟି ସଂଶୋଧନ, ନାମ ବାଦଦେବା ଓ ସାମିଲ କରିବା, ଆପତ୍ତି-ଅଭିଯୋଗ ସହ ସ୍ଥାନାନ୍ତର ଆଦି ଆବେଦନ ଡିସେମ୍ବର ୮ତାରିଖ ପର୍ଯ୍ୟନ୍ତ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୫ଲକ୍ଷ ୯୪ହଜାର ୬୧୩ଟି ଦରଖାସ୍ତକୁ ଭୋଟର ତାଲିକାଭୁକ୍ତ କରିବା ଲାଗି ଅନୁମୋଦନ କରାଯାଇଥିବାବେଳେ ୩ଲକ୍ଷ ୨୦ହଜାର ୫୦୬ଜଣଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯାଇଛି। ଭୋଟର ତାଲିକାରେ ସଂଶୋଧନ ଓ ବାସସ୍ଥାନ ପରିବର୍ତ୍ତନ ନିମନ୍ତେ ଫର୍ମ ନଂ-୮ରେ ଗ୍ରହଣ କରାଯାଇଥିବା ୨ଲକ୍ଷ ୧୪ହଜାର ଦରଖାସ୍ତକୁ ଅନୁମୋଦନ କରାଯାଇଛି। କେବଳ ବରଗଡ଼ ଜିଲ୍ଲାର ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ହୋଇଥିବାରୁ ସେଠାରେ ଏବେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟ ଜାରି ରହିଛି। ୨୦୨୩ ଚିଠା ଭୋଟର ତାଲିକାରେ ରାଜ୍ୟରେ ଲିଙ୍ଗ ଅନୁପାତ ୯୫୯ରୁ ଚୂଡ଼ାନ୍ତ ଫଟୋ ଭୋଟର ତାଲିକାରେ ଏହି ଅନୁପାତ ୯୬୧କୁ ବୃଦ୍ଧି ପାଇଛି। ସେହିପରି ୨୦୨୩ ମସିହା ଫଟୋ ଭୋଟର ତାଲିକାରେ ଅନୁସାରେ ୧୮-୧୯ବର୍ଷ ଭୋଟରଙ୍କ ସଂଖ୍ୟା ୨.୧୦ଲକ୍ଷରୁ ୪ଲକ୍ଷ ୪୬ହଜାର ୭୭୯କୁ ବୃଦ୍ଧି ପାଇଛି। ୨୦୨୩ ଚୂଡ଼ାନ୍ତ ଭୋଟର ତାଲିକାରେ ଫଟୋ ପରିଚୟ ପତ୍ରଧାରୀଙ୍କ ସଂଖ୍ୟା ଶତକଡ଼ା ୯୯.୯୯%କୁ ବୃଦ୍ଧି ପାଇଛି।

# ଆଉ ବର୍ଷେ ମାଗଣା ଚାଉଳ

**ଭୁବନେଶ୍ୱର :** ନୂଆବର୍ଷରେ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି। ରାଜ୍ୟ ଖାଦ୍ୟ ସୁରକ୍ଷା ହୀତାଧିକାରୀଙ୍କୁ ମିଳିବ ବର୍ଷେ ପର୍ଯ୍ୟନ୍ତ ମାଗଣା ଚାଉଳ। ମାସକୁ ପାଞ୍ଚ କେଜି ଲେଖାଏ ମିଳିବ ଚାଉଳ। ଏଥିପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେବ ୧୮୫ କୋଟି ଟଙ୍କା। କୋଭିଡ ସମୟରେ ରାଜ୍ୟ ସରକାର ରାଜ୍ୟବାସୀଙ୍କୁ ମାଗଣା ଚାଉଳ ପ୍ରଦାନ କରିଥିଲେ। ରୋଜଗାର ହରାଇଥିବା ଗରିବ ଅସହାୟ ଲୋକଙ୍କୁ ପାଇଁ ଜନକଲ୍ୟାଣ କାର୍ଯ୍ୟ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ। ରାସନକାର୍ଡ ହିତାଧିକାରୀଙ୍କୁ ମାଗମା ଚାଉଳ ଦେବା ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୦୧୮ରୁ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ମିଳୁଛି ମାଗଣା ଚାଉଳ। ଜାତୀୟ ଖାଦ୍ୟ ସୁରକ୍ଷାରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ମିଳୁଛି ମାଗଣା ଚାଉଳ। କୋଭିଡ ସମୟରେ ହିତାଧିକାରୀଙ୍କୁ ଚାଉଳ ସହ ମିଳୁଥିଲା ମାଗଣା ଡାଲି। ୨୮ମାସ ଧରି ମହାମାରୀ ସମୟରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ସହାୟତା ଯୋଗାଉଥିଲେ। ଦୁଇଥର ହିତାଧିକାରୀଙ୍କୁ ଆର୍ଥିକ ସହାୟତା ମଧ ପ୍ରଦାନ କରାଯାଇଛି। କିନ୍ତୁ କୋଭିଡ ପରବର୍ତ୍ତୀ ସ୍ଥିତିରେ ମଧ ସାଧାରଣ ଗରିବ ଲୋକଙ୍କ ପାଇଁ ଏହି ସହାୟତା ଜାରି ରଖିଛନ୍ତି ମୁଖ୍ୟମନ୍ତ୍ରୀ। ନୂଆ ବର୍ଷରେ ପୁଣି ଗରିବ ସାଧରଣ ଲୋକଙ୍କ ପରିବାରକୁ ପ୍ରଦାନ କରିବେ ଏହି ମାଗମା ରାସନ। ପ୍ରତି ପରିବାରକୁ ମିଳିବ ପାଞ୍ଚ କେଜି ଲେଖାଏ ମାଗଣା ଚାଉଳ। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ବୋଲି ମତ ପ୍ରକାଶ କରିଛନ୍ତି ସାଧାରଣ ଭୋଟର। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜାନୁୟାରୀ ୨୦୨୩ ଠାରୁ ୧୨ ମାସ ପର୍ଯ୍ୟନ୍ତ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ମାଗଣାରେ ୫ କିଲୋଗ୍ରାମ ଚାଉଳ ପ୍ରଦାନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥି ପାଇଁ ମୋଟ୍ ୧୮୫ କୋଟି ଖର୍ଚ୍ଚ ହେବ। ଏହି ଟଙ୍କା ରାଜ୍ୟ ରାଜକୋଷରୁ ଭରଣା କରାଯିବ। ରାଜ୍ୟ ସରକାର 'ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା' ଅଧୀନରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ପ୍ରତି ମାସରେ ମୁଣ୍ଡ ପିଛା ୫ କିଗ୍ରା ଚାଉଳ ବଣ୍ଟନ କରୁଛନ୍ତି । ଅକ୍ଟୋବର ୨୦୧୮ ଠାରୁ ୧ ଟଙ୍କାରେ ଚାଉଳ ଦିଆଯାଉଥିଲା। ଯାହା କରୋନା ସମୟରୁ ମାଗଣାରେ ଦିଆଯାଉଛି।



# ଆକର୍ଷଣୀୟ ହେବ ଶିଖରଚଣ୍ଡୀ;ଖର୍ଚ୍ଚ ହେବ ୨୫ କୋଟି

**ଭୁବନେଶ୍ୱର :** ଶିଖରଚଣ୍ଡୀ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନୟନ କରାଯାଇ ଏହାକୁ ଭୁବନେଶ୍ୱର ସହରର ଅନ୍ୟତମ ଆକର୍ଷଣ କେନ୍ଦ୍ର ଭାବରେ ବିକଶିତ କରାଯିବ। ୫୩.୬୪ ଏକର ଅଞ୍ଚଳରେ ଏହି ଉନ୍ନତି କାର୍ଯ୍ୟ କରାଯିବ ଏବଂ ଏଥିପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଏହି ମାଷ୍ଟରପ୍ଲାନକୁ ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଶିଖରଚଣ୍ଡୀ ମନ୍ଦିର ପରିଦର୍ଶନ କରି ଏହାର ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ ଯୋଜନାକୁ ପରିବେଶ ଉପଯୋଗୀ କରିବାପାଇଁ ସେ ପରାମର୍ଶ ଦେଇଥିଲେ। ଏକ ବୈଠକରେ ବିଡିଏର ଉପାଧ୍ୟକ୍ଷ ବଲବନ୍ତ ସିଂହ ଏଥିପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନ ସଂପର୍କରେ ଏକ ଉପସ୍ଥାପନା ରଖିଥିଲେ। ଏହି ଯୋଜନା ଅନୁଯାୟୀ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳର ୫୩.୬୪ ଏକର ଜମିରେ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ବିଡିଏ ଏହି ଉନ୍ନୟନ କାର୍ଯ୍ୟ କରିବା ସହିତ ଆଗକୁ ମଧ ଏହି ଅଞ୍ଚଳର ପରିଚାଳନା ଦାୟିତ୍ୱ ଗ୍ରହଣ କରିବ। ମାଷ୍ଟରପ୍ଲାନ ଅନୁଯାୟୀ ସମୁଦାୟ ଅଞ୍ଚଳକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଜୋନ୍-୧ରେ ପାର୍କିଂ, ସାଧାରଣ ଲୋକଙ୍କ କ୍ରୀଡା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସ୍ଥାନର ଉନ୍ନତିକରଣ ଓ ଅନ୍ୟାନ୍ୟ ସୁବିଧାର ବିକାଶ କରାଯିବ। ଜୋନ୍-୨ରେ ଭିୟୁ ପଏଣ୍ଟ ଓ ଟ୍ରେକିଂ ରୁଟ ରହିବ। ଜୋନ-୩ ଓ ୪ ରେ ମନୋରଞ୍ଜନ ମୂଳକ କାର୍ଯ୍ୟପାଇଁ ଭିତ୍ତିଭୂମି, କମ୍ୟୁନିଟି ସେଣ୍ଟର, ମୁଖ୍ୟ ମନ୍ଦିରର ଉନ୍ନତିକରଣ, ଦୋକାନ ଗୃହ ଓ ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏହି ବୈଠକ ପରିଚାଳନା କରିଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ସୁଷାନ୍ତ ରାଉତ, ଶିଖରଚଣ୍ଡୀ ଆଞ୍ଚଳିକ ସେବା ସଂଘର ସଭାପତି କ୍ଷୀତିଶ ତ୍ରିପାଠୀ ଓ ମନ୍ଦିର ପୂଜକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ଯେ ଶିଖରଚଣ୍ଡୀ ମନ୍ଦିରର ଉନ୍ନୟନ ସ୍ଥାନୀୟ ଜନତାଙ୍କର ବହୁ ଦିନର ଆଶା ଥିଲା। ଆଜି ମୁଖ୍ୟମନ୍ତ୍ରୀ ତାକୁ ପୂରଣ କରିଛନ୍ତି। ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ବୈଠକରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଓ ପ୍ରମୁଖ ସଚିବ ମାନେ ଯୋଗ ଦେଇଥିଲେ।



ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ

# ଚିକିତ୍ସା ପାଇଁ ହେଲ୍‌ପଲାଇନ ନମ୍ବର ଓ ଡାକ୍ତର ମୁତୟନ

**ଭୁବନେଶ୍ୱର :** କୋଭିଡ୍ ମହାମାରୀ ପରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇଥିବାରୁ ରାଜ୍ୟ ସରକାର ଏବେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟରେ ୨ଟି 'ଟେଲି-ମାନସ' ସେଲ୍ କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟକ୍ଷମ ଥିବାବେଳେ ମୋଟ ୬୦ଜଣ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲା ମୁଖ୍ୟ ହସ୍ପିଟାଲ ଓ ସରକାରୀ ମେଡିକାଲ କଲେଜରେ ଅସ୍ଥାୟୀ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟେଲି-ମାନସ ହେଲପଲାଇନ୍ ନମ୍ବର-୧୪୪୧୬ ଏବେ କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ବିଭିନ୍ନ ବିଭାଗ ସଚିବ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ଚିଠି ଲେଖି ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ଉଦ୍ଦିଷ୍ଟ 'ଟେଲି-ମାନସ' ହେଲପଲାଇନ୍ ନମ୍ବର ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କହିଛନ୍ତି। କଟକ ଓ ବ୍ରହ୍ମପୁର ବଡ଼ ମେଡିକାଲ ପରିସରରେ ଥିବା ଟେଲି-ମାନସ ସେଲରେ ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ସଂକ୍ରାନ୍ତ ପ୍ରାରମ୍ଭିକ ଚିକିତ୍ସା, କାଉନସେଲିଂ ଆଦି ଉପଲବ୍ଧ ହେବ। ବିଶେଷକରି ଏହାର ସୁଯୋଗ ମାନସିକ ଦୁଶ୍ଚିନ୍ତା, ଚାପଗ୍ରସ୍ତ, ଅନ୍ୟାନ୍ୟ ସମସ୍ୟା ଓ ଆତ୍ମହତ୍ୟାପ୍ରବଣ ସହ ବିଭିନ୍ନ ମାନସିକ ରୋଗର ଶିକାର ହୋଇଥିବା ବ୍ୟକ୍ତିମାନେ ନେଇପାରିବେ। ସରକାରୀ କର୍ମଚାରୀ, ଛାତ୍ରଛାତ୍ରୀ, ବୟସ୍କ, ଜେଲରେ ଥିବା ବନ୍ଦୀମାନଙ୍କ ମଧ୍ୟରେ ଏହି ଟେଲି-ମାନସ ହେଲପଲାଇନ-୧୪୪୧୬ ସଂକ୍ରାନ୍ତରେ ଅଧିକ ପ୍ରଚାରପ୍ରସାର କରାଇବାକୁ ସେ ପରାମର୍ଶ ଦେଇଛନ୍ତି। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ହେଲପଲାଇନ୍ ଓ ଟେଲି-ମାନସ ସେଲ୍ ଏବେ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ସେହିପରି ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ମନସ୍ତତ୍ୱବିତ୍ ବିଶେଷଜ୍ଞ(ଡାକ୍ତର)ମାନଙ୍କୁ ବିଭିନ୍ନ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଅସ୍ଥାୟୀ ଭାବେ ମାସକୁ ୪ଥର କାର୍ଯ୍ୟରେ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡାକ୍ତରମାନଙ୍କୁ ସେମାନଙ୍କ ନିକଟବର୍ତ୍ତୀ ଜିଲ୍ଲା ହସ୍ପିଟାଲ(ଯେଉଁଠି ମନସ୍ତତ୍ତ୍ୱ ବିଶେଷଜ୍ଞ ଡାକ୍ତର ନାହାନ୍ତି)ରେ ମୁତୟନ କରାଯିବ। ଏହି ଡାକ୍ତରମାନଙ୍କୁ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକି ସେଠାରେ ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ସଂକ୍ରାନ୍ତ କର୍ମଶାଳାର ବ୍ୟବସ୍ଥା ମଧ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଶିକ୍ଷକ, ଆଶାକର୍ମୀ, ପାରା ମେଡିକାଲ କର୍ମଚାରୀ, ପଞ୍ଚାୟତିରାଜ ସଦସ୍ୟ, ଏସଏଚଜି ସଦସ୍ୟମାନଙ୍କୁ ମଧ ପ୍ରଶିକ୍ଷଣ ଦେବା ପାଇଁ ଏହି ଡାକ୍ତରମାନଙ୍କର ସହଯୋଗ ନେବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ମନସ୍ତତ୍ତ୍ୱ ବିଶେଷଜ୍ଞଙ୍କୁ ପ୍ରତ୍ୟେକ ମାସରେ ଥରେ(ଅଧା ଦିନ) ୩୦ଟି ଜିଲ୍ଲାରେ ଥିବା ଜେଲ ଅନ୍ତେବାସୀଙ୍କ ମାନସିକ ସ୍ୱାସ୍ଥ୍ୟ ଯାଂଚ ଓ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସବଡିଭିଜିନାଲ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ହସ୍ପିଟାଲଗୁଡ଼ିକୁ ସୁଦୃଢ଼ ଓ ରୂପାନ୍ତରୀକରଣ କରିବା ନିମନ୍ତେ 'ଆମ ହସ୍ପିଟାଲ' କାର୍ଯ୍ୟକ୍ରମ ଆଜିଠୁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ଏନେଇ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ ସମସ୍ତ ଜିଲ୍ଲପାଳଙ୍କୁ ଅବଗତ କରାଇଛନ୍ତି। ଏବାବଦରେ ହେବାକୁ ଥିବା ଖର୍ଚ୍ଚ ରାଜ୍ୟ ବଜେଟ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ପଞ୍ଚଦଶ ଅର୍ଥ କମିଶନ, ଜିଲ୍ଲା ଖଣିଜ ପାଣ୍ଠି ଓ ଓଏମବିଏଡିସିରୁ ଭରଣା କରାଯିବ। ଏଥିପାଇଁ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ କମିଟି ମଧ ଗଠନ ହେବ।

# ସଂଖ୍ୟାଲଘୁ ଓଡ଼ିଆଙ୍କ ସମସ୍ୟାର ସମାଧାନ ପାଇଁ ଗଠନ ହେବ ସବ୍‌କମିଟି

**ଭୁବନେଶ୍ୱର :** ବିଧାନସଭାର ୫୪ନମ୍ବର ପ୍ରକୋଷ୍ଠରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧକ୍ଷତାରେ ରାଜ୍ୟର ଉପାନ୍ତ ଅଞ୍ଚଳ ଏବଂ ଅନ୍ୟାନ୍ୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାରପ୍ରସାର ନିମନ୍ତେ ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଥିଲା। ପଡ଼ୋଶୀ ରାଜ୍ୟଗୁଡ଼ିକରେ ଆମର ଶିକ୍ଷା-ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟରତ ଅନୁଷ୍ଠାନଗୁଡ଼ିକ ସାମ୍ନା କରୁଥିବା ସମସ୍ୟାର ପ୍ରତିକାର ବ୍ୟବସ୍ଥା କରିବା ସହ ସଂପୃକ୍ତ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ପ୍ରୋତ୍ସାହନକୁ ଗୁରୁତ୍ୱ ଦେଇ ଯତ୍ନର ସହ କାର୍ଯ୍ୟ କରିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ସଂସ୍କୃତି ବିଭାଗକୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। ଏହାସହ ପଡ଼ୋଶୀ ରାଜ୍ୟଗୁଡ଼ିକୁ ଗସ୍ତ କରି ସେଠାରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆଙ୍କ ସମସ୍ୟା ଅନୁଧ୍ୟାନ କରି ଏହାର ପ୍ରତିକାର ପାଇଁ ମୁଖ୍ୟକମିଟିକୁ ସୁପାରିସ୍ କରିବା ନିମନ୍ତେ ଏକ ସବ୍ କମିଟି ଗଠନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ସଂପୃକ୍ତ ବିଭାଗଗୁଡ଼ିକ ମଧ ବିଭାଗୀୟ ଅଧିକାରୀଙ୍କୁ ସେସବୁ ସ୍ଥାନକୁ ପଠାଇ ସ୍ଥିତି ଅନୁଧ୍ୟାନ ସହ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ନେବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। କମିଟିର ସଦସ୍ୟମାନେ ବୈଠକରେ ପଡ଼ୋଶୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଭାଷା-ସଂସ୍କୃତିର ସୁରକ୍ଷା ଦିଗରେ ରହିଥିବା ସମସ୍ୟାଗୁଡ଼ିକ ବାବଦରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହାର ପ୍ରତିକାର ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ କମିଟିରେ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂହ, ପୂର୍ବ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ବିଧାୟକ ଅମର ଶତପଥୀ, ବଦ୍ରିନାରାୟଣ ପାତ୍ର, ଭାସ୍କର ମଢ଼େଇ, ସାଲୁଗା ପ୍ରଧାନ, ନିତ୍ୟାନନ୍ଦ ଗଣ୍ଡ, ଲତିକା ପ୍ରଧାନ, ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

+୨ ପରୀକ୍ଷା

# ୪୬୧ କଲେଜରେ ନାହିଁ ସିସିଟିଭି



**ଭୁବନେଶ୍ୱର :** ଫେବ୍ରୁଆରି ପହିଲାରୁ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା। ତାକୁ ନଜରରେ ରଖି ଡିସେମ୍ବର ୩୦ ସୁଦ୍ଧା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ୨ କଲେଜ କର୍ତ୍ତୃପକ୍ଷ ସିସିଟିଭି କ୍ୟାମେରା ଲଗାଇବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ କୁହାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ସୁଦ୍ଧା ରାଜ୍ୟର ୪୬୧ଟି କଲେଜରେ ସିସିଟିଭି କ୍ୟାମେରା ଲାଗିନାହିଁ। କେଉଁଠି ଅଧା ଅଚଳ ତ ଆଉ କେଉଁଠି ଗୋଟିଏ ବି କ୍ୟାମେରା ନାହିଁ। ଆଉ କିଏ କ୍ୟାମେରା ଲଗାଇଥିଲେ ମଧ ଏବେ ସୁଦ୍ଧା ସିସିଟିଭି ଲିଙ୍କ୍ ପରିଷଦ ନିକଟରେ ଦାଖଲ କରିନାହାନ୍ତି। ଯେଉଁଥିପାଇଁ ସିଏଚ୍‌ଏସ୍‌ଇ ପକ୍ଷରୁ ଏଥର କଡ଼ା ଅଭିମୁଖ୍ୟ ଗ୍ରହଣ କରାଯାଇଛି। କେଉଁ କଲେଜଗୁଡ଼ିକ ସିସିଟିଭି ଲଗାଇ ନାହାନ୍ତି ତା'ର ତାଲିକା ପ୍ରକାଶ କରିବା ସହ ଆସନ୍ତା ୧୩ ତାରିଖ ସୁଦ୍ଧା ପରିଷଦ ଲିଙ୍କ୍‌ରେ ତଥ୍ୟ ଦାଖଲ କରିବାକୁ କୁହାଯାଇଛି।

# ମିଲେଟ୍‌ର ପ୍ରଚାର ପାଇଁ କୃଷି ବିଭାଗ-ଫିକି ମଧ୍ୟରେ ବୁଝାମଣାପତ୍ର

**ଭୁବନେଶ୍ୱର :** ବିଶ୍ୱବ୍ୟାପୀ ମିଲେଟ୍ସ୍‌କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ତରଫରୁ ୨୦୨୩ ବର୍ଷକୁ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବରେ ଘୋଷଣା କରାଯାଇଥିବା ପରିପ୍ରେକ୍ଷୀରେ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ କ୍ଷୁଦ୍ରଶସ୍ୟ ଭାବେ ମିଲେଟର ଗୁରୁତ୍ୱ ଏବଂ ଉପକାରିତା ସଂପର୍କରେ ପ୍ରଚାରପ୍ରସାର କରିବା ପାଇଁ ବର୍ଷସାରା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଏହି କ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ (ଫିକି)ର ସହଭାଗିତାରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ କରାଯିବ। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଏବଂ ଫିକିର ଆସିଷ୍ଟାଣ୍ଟ ସେକ୍ରେଟାରୀ ଜେନେରାଲ ମୌସୁମୀ ଘୋଷ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ମିଲେଟ୍‌କୁ ଘରେ ଘରେ ଆଦୃତ କରାଇବା ସହିତ ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ବର୍ଷସାରା ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ପାଳନ କରିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ନିୟମିତ ସମୀକ୍ଷା କରାଯିବ। ବୁଝାମଣାପତ୍ର ଅନୁଯାୟୀ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଫିକିର ସହଭାଗିତାରେ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ହେବ। ଫିକି ଓ ଓଡ଼ିଶା ସରକାର ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିୟମିତ ଭାବେ କାର୍ଯ୍ୟକ୍ରମଗୁଡ଼ିକ ସମୀକ୍ଷା ଏବଂ ତଦାରଖ ସହିତ ଏଥି ନିମନ୍ତେ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବ। ମିଲେଟର ପ୍ରଚାରପ୍ରସାର ଦିଗରେ ଜନସଂପର୍କ ସଂସ୍ଥା, ଡିଜାଇନର ପାର୍ଟନର, ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ, ନଲେଜ ପାର୍ଟନର, ଗବେଷଣା ଆଦିରେ ଫିକି ସହଭାଗିତା ଯୋଗାଇଦେବ। ମିଲେଟ୍‌ର ପ୍ରଚାର ପାଇଁ ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତି, ସାମାଜିକ ଗଣମାଧ୍ୟମରେ ପ୍ରଚାର ଆଦି କାର୍ଯ୍ୟ ସହିତ ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଅହମଦାବାଦ, ହାଇଦ୍ରାବାଦ, ଚେନ୍ନାଇ ଆଦି ସହରରେ ମିଲେଟ୍ ଫୁଡ୍ ଫେଷ୍ଟିଭାଲ୍ ଆଦିର ଆୟୋଜନ କରାଯିବ। ବିଭିନ୍ନ ଏଫ୍‌ଏମ୍‌ସିଜି କମ୍ପାନୀମାନଙ୍କୁ ମିଲେଟ୍ ଜାତୀୟ ଖାଦ୍ୟକୁ ମୂଲ୍ୟଯୁକ୍ତ କରିବା ପାଇଁ ପୁଞ୍ଜିନିବେଶ ଦିଗରେ ଆଲୋଚନା ହେବ। ସହରାଞ୍ଚଳରେ ମିଲେଟ୍‌ର ବ୍ୟାପକ ପ୍ରଚାର ଓ ଜନସଚେତନତା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ମିଡ଼ିଆରେ ବିଶେଷଜ୍ଞମାନଙ୍କ ଦ୍ୱାରା କାର୍ଯ୍ୟକ୍ରମର ଆୟୋଜନ କରାଯିବ। ମିଲେଟ୍ ଜାତୀୟ ଖାଦ୍ୟର ପ୍ରଚାର ଦିଗରେ ଖାଦ୍ୟ ପ୍ରସ୍ତୁତି ନେଇ ବିଭିନ୍ନ ରୋଷେଇ କାର୍ଯ୍ୟକ୍ରମ ଓ ରୋଷେଇ ପ୍ରତିଯୋଗିତା ଟିଭି ଚ୍ୟାନେଲ ଏବଂ ହୋଟେଲ୍ ଆସୋସିଏସନ୍ ଦ୍ୱାରା ଆୟୋଜନ କରାଯିବ। କାର୍ଯ୍ୟକ୍ରମର ଡକ୍ୟୁମେଣ୍ଟେସନ୍ କରାଯିବା ସହିତ ଓଡ଼ିଶା ମିଲେଟ୍ ମିଶନ ସଂପର୍କରେ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରାଯିବ। ଏହି ଅବସରରେ ଫାଉଣ୍ଡେସନ୍ ବୁକ୍ ଅନ୍ ମିଲେଟ୍ସ ଅନ୍ତର୍ଜାତୀୟ ପ୍ରକାଶନ ମଧ କରାଯିବ। ଏଥି ସହିତ ଇଣ୍ଟରନ୍ୟାସନାଲ୍ କନ୍‌ଭେନ୍‌ସନ୍ ଅନ୍ ମିଲେଟ୍‌ର ଆୟୋଜନ ନିମନ୍ତେ ମଧ ଫିକି ଆବଶ୍ୟକ ସହଯୋଗ ଯୋଗାଇଦେବ। ଭୁବନେଶ୍ୱର ଓ ରାଉରକେଲାଠାରେ ପୁରୁଷ ବିଶ୍ୱକପ୍ ହକି ପ୍ରତିଯୋଗିତା ସମୟରେ ମିଲେଟ ସଂପର୍କିତ ଭିଡ଼ିଓ ପ୍ରଦର୍ଶନ କରାଯିବା ସହିତ ଖେଳାଳି ଓ ଅତିଥିମାନଙ୍କୁ ମିଲେଟ୍ ସମ୍ବନ୍ଧୀୟ ସ୍ମରଣିକା, ବ୍ୟାଗ୍ ଓ ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରାଯିବ। ଖେଳାଳିମାନଙ୍କ ଖାଦ୍ୟ ତାଲିକାରେ ଯେପରି ମିଲେଟ୍ସ ପ୍ରସ୍ତୁତ ଖାଦ୍ୟ ସ୍ଥାନ ପାଇବ, ସେଥି ପ୍ରତି ହୋଟେଲଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରାଯିବ। କାର୍ଯ୍ୟକ୍ରମ ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ଶାସନ ସଚିବ ସଂଜୀବ କୁମାର ଚଢ଼ାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଓ ଫିକିର କର୍ମକର୍ତ୍ତା ଉପସ୍ଥିତ ଥିଲେ।





ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୯ - ୧୫ ଜାନୁଆରୀ, ୨୦୨୩

# ଜୀବନ ଯାତ୍ରା କେତେ କ୍ଷଣ !

ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା ଭଳିମଣିଷର ଜୀବନ ଯାତ୍ରା ମଧ୍ୟ ସେଭଳି କ୍ଷୀଣ।ତେଣୁ ଏହି କ୍ଷୀଣ ଯାତ୍ରାରେ ଆମେ କେତେ କଣ ଚିନ୍ତା କରିଚାଲିଚେ। ଏଥିରେ ଶାନ୍ତିରେ ରହିବା ଓ ଖୁସିରେ ରହିବାର ଚିନ୍ତା ଅପେକ୍ଷା କିପରି ଧନୀ ଏବଂ ମାନୀ ହୋଇ ରହିବାର ଚିନ୍ତା ଅଧିକ। ହେଲେ କେବେ ଆମେ ଭାବୁଛେ କି, ଏ ଜୀବନ କ୍ଷଣଭଙ୍ଗୁର। ମାତ୍ର ସ୍ୱଳ୍ପ ଅବଧିର ଜୀବନ ପାଇଁ ଆମେ ଏତେ ବ୍ୟସ୍ତ ଯେ, ସେଥିରେ ଅନ୍ୟ ପାଇଁ ଭଲ ଚିନ୍ତା କରିବାର ଅବକାଶ ରହୁନି। ଯାହାର ପରିଣତି ହେଉଛି ହିଂସା, କ୍ରୋଧ, ଗର୍ବ ଓ ଅହଂକାର ଆମ ଚାରିପଟେ ଘୁରିବୁଲୁଛନ୍ତି। ଯାହାଫଳରେ ଆମେ ବାସ୍ତବ ଜୀବନଟିକୁ ଅନୁଭବ କରିବା ବଦଳରେ ନକଲି ଖୋଳପା ଭିତରେ ବଞ୍ଚିବାକୁ ଇଚ୍ଛା ପ୍ରକାଶ କରୁଛୁ। ସଂସାର ଏଭଳି ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଯେଉଁଠି ମାନବିକତାର, ନ୍ୟାୟର ଜୟ ଜୟକାର ହେବା କଥା। ହେଲେ ମଣିଷ ଏଭଳି ଏକ ସ୍ଥିତିରେ ଏବେ ପହଂଚିସାରିଛି, ଯେଉଁଠି ବ୍ୟଭିଚାର ଓ ଅତ୍ୟାଚାର ଦ୍ରୁତ ଗତିରେ ବଢି ଚାଲିଛି। ହିଂସା ଓ ରକ୍ତପାତର ସୁଅ ଛୁଟିଥିଲା ବେଳେ ନିୟମ ଉଲ୍ଲଂଘନ ହୋଇଚାଲୁଚି। ଜୀବନର ଏହି ଘଡିସନ୍ଧି ମୁହୂର୍ତ୍ତରେ ଆପଣା-ପର ବିଚାର ନକରି ମଣିଷ-ମଣିଷ ପ୍ରତି ଦରଦୀ ହେବା, ସମ୍ବେଦନଶୀଳ ହେବା ଜରୁରୀ ହୋଇପଡିଛି। ନିକଟରେ ଶୁଣିଥିବା ଏକ ପ୍ରେରଣାଦାୟୀ ଭାଷଣର କିଛି ଅଂଶ ଏବେ ମନେପଡୁଛି। ଘଟଣାଟି ଏହିପରି - ଥରେ ଗୋଟିଏ ଦୂରଯାତ୍ରା କରୁଥିବା ବସ ଯାତ୍ରା ଆରମ୍ଭ କରିବାର କିଛି କ୍ଷଣ ପରେ ଏକ ଷ୍ଟପେଜରୁ ଜଣେ ମହିଳା ଯାତ୍ରୀ ଉଠିଲେ। ତାଙ୍କ ନିକଟରେ ବହୁତ ଲଗେଜେ ମଧ୍ୟ ରହିଥିଲା। ତେଣୁ ସେ କଷ୍ଟେମଷ୍ଟେ ବସ ଭିତରକୁ ପ୍ରବେଶ କରି ନିଜ ସିଟରେ ବସିବାକୁ ଗଲେ। ମହିଳାଙ୍କ ପାଖ ସିଟରେ ଜଣେ ବୟସ୍କ ବ୍ୟକ୍ତି ବସିଥିଲେ।ଯେହେତୁ ମହିଳାଙ୍କର ଅଧିକ ଲଗେଜ ରହିଥିଲା, ସେଗୁଡିକ ସବୁ ବାଗେଇକି ରଖିବାର ସ୍ଥାନ ମଧ୍ୟ କମ ରହିଥିଲା। ଯାହାଫଳରେ ଗୋଟେ ବଡ଼ ବ୍ୟାଗ ତାଙ୍କୁ କୋଳରେ ଧରି ବସିବାକୁ ପଡିଲା। ହେଲେ ଏହି ବ୍ୟାଗଟି ବାରମ୍ବାର ସେହି ପାଖ ସିଟରେ ବସିଥିବା ବ୍ୟକ୍ତିଙ୍କ ଶରୀରକୁ ବାରମ୍ବାର ଆଘାତ କରି ଚାଲିଥିଲା ବେଳେ ବ୍ୟକ୍ତିଜଣଙ୍କ କିନ୍ତୁ ନିର୍ବିକାର ଭାବେ ବସି ରହିଥିଲେ। ବ୍ୟାଗ ଆଘାତ କରିବା ନେଇ ସେ କୌଣସି ପ୍ରତିବାଦ ମଧ୍ୟ କରୁଥିଲେ। କିନ୍ତୁ ଏହାକୁ ଅନୁଭବ କରୁଥିଲେ ସେହି ମହିଳା ଯାତ୍ରୀ ଜଣଙ୍କ। ବସ ଆଗକୁ ଆଗକୁ ଗଡି ଚାଲିଥିଲା, ଆଗକୁ ଅନେକ ରାସ୍ତା। ପଛରେ କିନ୍ତୁ ରହୁଥିଲା ଗାଁ, ସହର, ଗଛ, ଲତା, ନଈ, ପାହାଡ଼ ଅନେକ କିଛି। ରାସ୍ତା ବଢୁଥିଲା ରାସ୍ତା ସରୁଥିଲା। କିନ୍ତୁ ମହିଳା ଯାତ୍ରୀ ଜଣଙ୍କ ନିଜ ଭିତରେ ନିଜେ ବ୍ୟସ୍ତ ହୋଇପଡୁଥିଲେ ଯେ, ତାଙ୍କ ଲଗେଜେ ବ୍ୟାଗ ସହଯାତ୍ରୀଙ୍କୁ ଅଡୁଆରେ ପକାଉଥିଲେ ମଧ୍ୟ ସେ କୌଣସି ଅଭିଯୋଗ ବା ପ୍ରତିବାଦ ନକରିବା। କିଛି ସମୟ ଅତିକ୍ରାନ୍ତ ହେବା ପରେ ସନ୍ତ୍ରସ୍ତ ମହିଳା ଯାତ୍ରୀ ପାଖ ସିଟରେ ବସିଥିବା ଭଦ୍ରବ୍ୟକ୍ତିଙ୍କୁ ନିଜ ଆଡୁ ପ୍ରଶ୍ନ କଲେ। କହିଲେ ମହାଶୟ, କିଛି ସମୟ ହେଲା ମୁଁ ଲକ୍ଷ୍ୟ କରୁଛି ଯେ, ମୋ ଲଗେଜ ବ୍ୟାଗ ଆପଣଙ୍କୁ ବାରମ୍ବାର ଆଘାତ କରୁଥିବା ସତ୍ତ୍ୱେ ଆପଣ କିଭଳି ସ୍ଥିର ହୋଇ ବସିରହିଛନ୍ତି, କିଛି ପ୍ରତିବାଦ ମଧ୍ୟ କରୁନାହାନ୍ତି ! ଚୁପଚାପ ବସ ଝରକାରୁ ବାହାରର ଦୃଶ୍ୟ ଉପଭୋଗ କରୁଥିବା ଭଦ୍ରବ୍ୟକ୍ତି ମହିଳା ଜଣଙ୍କ ପ୍ରଶ୍ନ ଶୁଣି ଟିକେ ହସିଦେଲେ। ସହଯାତ୍ରୀଙ୍କ ଆଡକୁ ଅନାଇ ଧୀର ସ୍ୱରରେ କହିଲେ, ଆମର ଯାତ୍ରା କେତେ କ୍ଷଣ ? ସ୍ୱଳ୍ପ ଯାତ୍ରା ମଧ୍ୟରେ କ୍ରୋଧ, ହିଂସା, ଗାଳି, ପ୍ରତିବାଦ, ଯୁକ୍ତି ଭଳି କୌଣସି ଶବ୍ଦର ଆବଶ୍ୟକତା ହିଁ ନାହିଁ। ଯିଏ ଯେମିତି କହୁଛି କହୁ, ସହିବାକୁ ପଡିବ। ଜଣେ ଈର୍ଷା କରୁଛି ତ କରୁ। ଜଣେ ଗାଳି ଦେଉଛି ତ ଦେଉ। କେହି ମାଡ଼ ମାରି ଖୁସି ହେଉଛି ତ ହେଉଥାଉ। କେହି ସମ୍ପର୍କ କାଟିବାକୁ ଚାହେଁ ତ ତାକୁ ତା ବାଟରେ ଯିବାକୁ ଦିଆଯାଉ। କେହି ମିଛ କହି ବା ଛଳନାପୂର୍ଣ୍ଣ ବ୍ୟବହାର କରୁଛି ତ କରୁ। କେହିକେହି ଧନସମ୍ପତ୍ତି ଅର୍ଜନ କରି ଆତ୍ମବଡିମା ଦେଖାଇବାକୁ ଚାହୁଁଛି ତ ତାକୁ ସେଭଳି କରିବାର ସୁଯୋଗ ଦେଲେ କ୍ଷତି କଣ ? ଜୀବନ କେତେ କ୍ଷଣ ଯେ, ଏତେ କଥା ଭାବି ନିଜକୁ କଷ୍ଟ ଦେଇଚାଲିବା !

ସମ୍ବାଦକୀର୍ତ୍ତି
ତାରକ ମହାନ୍ତି



ସହାଯାତ୍ରୀଙ୍କ ଠାରୁ ଏଭଳି କଥା ଶୁଣି ପ୍ରଶ୍ନ ପଚାରିଥିବା ମହିଳା ଆଶ୍ଚର୍ଯ୍ୟ ହୋଇଗଲେ। ନିଜର ଅନ୍ତରାତ୍ମାକୁ ପଚାରିଲେ, ବାସ୍ତବରେ ସେ ଯାହା ଶୁଣିଲେ ତାହା ସତ ନୁହେଁକି ! ଜୀବନ ଯେପରି ଦୂର ସ୍ଥାନକୁ ଯାତ୍ରା ମଧ୍ୟ ସେଭଳି। ମାତ୍ର ଅଳ୍ପ ସମୟର ଆମର ଏହି ଯାତ୍ରା। ଆଗକୁ ଆଗକୁ ରାସ୍ତା ଏମିତି ଲମ୍ବି ଚାଲିଥିବ, ଯାତ୍ରା କିନ୍ତୁ ସରିଯିବ। ଏହାହିଁ ନିଷ୍ଠୁର ସତ୍ୟ ଯେ, ମଣିଷ ମାତ୍ରେ ମୃତ୍ୟୁ ନିଶ୍ଚୟ। ମାତ୍ର କେତେଦିନର ଜୀବନକୁ ନେଇ ବିଶେଷ ଚିନ୍ତା କରିଚାଲିଛେ। ହେଲେ ଏହାର ତ କିଛି ସ୍ଥାୟୀତ୍ୱ ନାହିଁ। ବାକି ରହିଲା ଧନୀ, ଗରିବ, ସୁଖୀ, ଦୁଖୀ ହେବାର। ଏଥିରେ ଭାବିବାର କଣ ଅଛି। ଯାହାଙ୍କ ନିର୍ଦ୍ଦେଶରେ ଆମେ ମାଟିରେ ପାଦ ଦେଇଛେ, ଛୋଟରୁ ବଡ଼ ହୋଇଛେ ତାଙ୍କ କଥା ଆମେ କେତେକ୍ଷଣ ଭାବୁଛେ ! ଜୀବନ ଯେମିତି ଜିଇଁବା କଥା ସେମିତି ଜୀବନ ଆମେ ଜିଇଁ ପାରିଛେ କି ? ତେଣୁ ଛୋଟ ଛୋଟ ଆଘାତରେ ବ୍ୟସ୍ତ ହେବାର ଆବଶ୍ୟକ କଣ। ଘଟଣା, ଦୁର୍ଘଟଣା ମଧ୍ୟ ସେଭଳି ଜୀବନର ଗୋଟେ ଗୋଟେ ପର୍ଯ୍ୟାୟ। ଏହା କେତେବେଳେ କେଉଁଠି ଘଟିବ, ସେ ପରିସ୍ଥିତି ଆମକୁ ଆଗରୁ ଜଣାନଥାଏ। ହେଲେ ଏହା ଘଟିବା ପରେ ଆମେ ଭାଙ୍ଗିପଡୁ। ଭାବିବାର କଥା, ଯାହା ବି ଘଟୁଛି ତାହା ପଛରେ ଆମର ଭୁଲ କେତେ ରହିଛି। ତାହାକୁ ତର୍ଜମା କରି ଭବିଷ୍ୟତ ଜୀବନ କିଭଳି ସୁରୁଖୁରୁରେ କଟିବ ତା ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ଗୋଟିଏ ମୁହୂର୍ତ୍ତ ଆଗରୁ ଯାହା ଘଟିଗଲା ତାହା ତ ଅତୀତ ହୋଇସାରିଛି। ତାକୁ ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ। ଜୀବନ-ମୃତ୍ୟୁର ମଧ୍ୟବର୍ତ୍ତୀ ଦିନ ଗୁଡିକ କିଭଳି ସୁଚିନ୍ତନରେ ବିତିବ ତାହା ହେଉଛି ବଡ଼କଥା। ତେଣୁ ଏବେ ଭାବନ୍ତୁ, ବସ ଭିତରେ ଦୁଇ ସହଯାତ୍ରୀଙ୍କ ଭିତରେ ଯାହା ଘଟିଲା ତାହାର ବାସ୍ତବ ସମାଧାନ କ'ଣ ? ଆଘାତ ପାଇଥିବା ବ୍ୟକ୍ତି ନିରବ ରହିବା ପଛରେ ଯେଉଁ ଗୁଢ଼ ରହସ୍ୟ ରହିଛି ତାହା ହେଲା ଜୀବନ ଦର୍ଶନ। ଜୀବନକୁ କିଏ କିଭଳି ବୁଝିପାରିଛି ତାହା ହେଉଛି ସବୁଠୁ ବଡ କଥା। କାରଣ ମଣିଷ ଜୀବନରେ ପ୍ରତିକ୍ଷଣ ଭିନ୍ନ ଭିନ୍ନ ଘଟଣା ସହିତ ସାମ୍ନାସାମ୍ନି ହୋଇଥାଏ। କେଉଁ ଘଟଣା ସୁଖ ଦେଲା ଓ କେଉଁ ଘଟଣା ଦୁଃଖ ଦେଲା ତାହାକୁ କିଏ କିଭଳି ଗ୍ରହଣ କରେ ସେହିଠାରେ ହିଁ ବଞ୍ଚିବାର ଅସଲ ମଞ୍ଜି ଗୋପନ ଭାବେ ବଢ଼ିଚାଲିଛି। ଦୁଃଖରେ ଅଧୀର ହୋଇପଡିଲେ ଯଦି ଦୁଃଖ ଲାଘବ ହୁଅନ୍ତା ତେବେ ଏଥିରେ ପ୍ରଶ୍ନ କରିବାର କିଛି ନାହିଁ। କିନ୍ତୁ ଯାହା ଜଣାପଡେ ଆମେ ଜଣେ ଆତ୍ମୀୟସ୍ୱଜନଙ୍କୁ ହରାଇବା ପରେ ତାଙ୍କ ପାଇଁ ଅଶ୍ରୁ ଢାଳି ଚିତ୍କାର କଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତି ଆଉ ଜୀବନ ଧାରଣ କରିପାରନ୍ତି ନାହିଁ। କେବଳ ସେ ସମୟର ମାନସିକ ଅବସ୍ଥା ଆମକୁ ଦୁଃଖ ଦେଇଥାଏ। କିନ୍ତୁ ଆମେ ସେହି ଦୁଃଖରେ ଭାଙ୍ଗିପଡି ନିଜର ଜୀବନ ହରାଇପାରିବା କି ? ଆମକୁ ବଞ୍ଚିବାକୁ ହେଲେ ସବୁ ପରିସ୍ଥିତିର ମୁକାବିଲା କରିବାକୁ ହେବ ଏବଂ ଏହାକୁ ଶାନ୍ତ ରହି କରିବାକୁ ହିଁ ପଡିବ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସରକାରଙ୍କ ନୂତନ ଅର୍ଥନୀତି ଫାଶରେ କର୍ପୋରେଟ୍



ଅସିତ ମହାନ୍ତି

ଯେତେବେଳେ ଦେଶର ଜିଡିପି (ମୋଟ ଘରୋଇ ଉତ୍ପାଦ) କମ୍ ଥାଏ, ଯଦି ସେହି ସମୟରେ କର୍ପୋରେଟ୍ ନେଟୱାର୍କ ବଢ଼ିବାରେ ଲାଗିଥାଏ, ଯେତେବେଳେ ଦେଶର ୮ ଟି ମୂଳ କ୍ଷେତ୍ର ନକାରାତ୍ମକ ରୂପ ନେଇସାରିଛି , ଅର୍ଥାତ୍ ଏହାର ଅଭିବୃଦ୍ଧି ହାର ନକାରାତ୍ମକ, ସେହି ସମୟରେ କର୍ପୋରେଟ୍ ଲାଭ ବହୁଗୁଣିତ ହେବାରେ ଲାଗେ, ଏହା ପ୍ରକୃତରେ ଚିନ୍ତାର ବିଷୟ। ଏହା କେତେ ଦିନ ଚାଲିବ? ଅର୍ଥାତ ଭାରତୀୟ ଅର୍ଥନୀତି ଅସନ୍ତୁଳନ ସ୍ଥିତିରେ ଦୃଶୀୟମାନ ହେଉଛି। ସମଗ୍ର ସରକାରୀ ସମ୍ପତ୍ତି କର୍ପୋରେଟମାନଙ୍କୁ କୌଡୀ ମୂଲ୍ୟରେ ସରକାର ହସ୍ତାନ୍ତର କରିବାର କାର୍ଯ୍ୟ ପ୍ରାୟ ଶେଷ ହୋଇସାରିଛି। କିନ୍ତୁ ଏଠାରେ ପ୍ରଶ୍ନ ହେଉଛି, କର୍ପୋରେଟ୍ ଏହାକୁ ସମ୍ଭାଳିବାକୁ ସମର୍ଥ ହେବ କି? କାରଣ ବଜାରରେ ସଙ୍କଟର ଛାୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। କର୍ପୋରେଟ୍ ମଧ୍ୟ କ୍ଷତି ସହୁଛି, ବଜାରରେ କ୍ରେତା ନାହାଁନ୍ତି ଏବଂ ଉତ୍ପାଦନ ମୂଲ୍ୟ ଧୀରେ ଧୀରେ ବୃଦ୍ଧି ହେଉଛି। ତେବେ ସରକାର କୌଣସି ଚେକ୍ ଏବଂ ସନ୍ତୁଳନ କରିବାର ସ୍ଥିତିରେ ନାହାଁନ୍ତି କି ? ସରକାରଙ୍କ କର୍ପୋରେଟ୍ ବନ୍ଧୁ, ଯେଉଁଥିରେ ପ୍ରଥମ ନାମ ଗୌତମ ଆଦାନୀଙ୍କ ନାମ ଆସିଥାଏ , ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏବଂ ବିଶ୍ୱରେ ଚତୁର୍ଥ। ଯଦି ସେମାନଙ୍କର ଶିଳ୍ପ ମଧ୍ୟ ବନ୍ଦ ହେବା ଆରମ୍ଭ କରେ ଏବଂ ସେ କୁହନ୍ତି ଯେ ଏହାକୁ ବନ୍ଦ କରିବାର ଏକ କାରଣ ଅଛି - ଉତ୍ପାଦନର ମୂଲ୍ୟ ବହୁଗୁଣିତ ହେଉଛି, ଅର୍ଥାତ୍ କଞ୍ଚାମାଲର ମୂଲ୍ୟ ବୃଦ୍ଧି ହେଉଛି ଏବଂ ପରିବହନ ମୂଲ୍ୟ ଅଧିକ। ଏବଂ ଯେଉଁ ଉତ୍ପାଦ ଏଠାରେ ଉଲ୍ଲେଖ କରାଯାଇଛି ତାହା ହେଉଛି ସବୁଠାରୁ ଆବଶ୍ୟକୀୟ ଜିନିଷ। ଘରୋଇକରଣ ଏବଂ ବ୍ୟବସାୟ ନାମରେ ଅର୍ଥନୀତିକୁ ଫେରାଇ ଆଣିବାକୁ ଚେଷ୍ଟା କରୁଥିବା ସରକାର ବର୍ତ୍ତମାନ କ୍ଷତିଗ୍ରସ୍ତ ହୋଇଛନ୍ତି। ଅର୍ଥାତ ବର୍ତ୍ତମାନ ଅର୍ଥନୀତି କର୍ପୋରେଟରଙ୍କ ହାତରୁ ଖସିବା ଆରମ୍ଭ କଲାଣି। ବର୍ତ୍ତମାନ କଣ ହେବ? ଋଣ ବୃଦ୍ଧି ପାଉଛି ଏବଂ ଘଟଇ ମଧ୍ୟ ବୃଦ୍ଧି ପାଉଛି। କର୍ପୋରେଟ୍ ଉପରେ ଋଣ ବୃଦ୍ଧି ହେତୁ ଏବଂ ଫେରସ୍ତ ନହେବା ପରିସ୍ଥିତିରେ, ଦେବାଳିଆ କମ୍ପାନୀଗୁଡିକର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପରିସ୍ଥିତିରେ ନିକଟରେ ଏକ ନୂତନ ପ୍ରକାରର ଅର୍ଥନୀତି ସୃଷ୍ଟି ହୋଇଛି। ସମସ୍ତଙ୍କୁ ଜଣା ଯେ ଆଦାନୀ ଏସିସି ଏବଂ ଅମ୍ବୁଜା ସିମେଣ୍ଟ କମ୍ପାନୀ ଦୁଇଟିକୁ କିଣିଛନ୍ତି, ଏହି ଦୁଇଟି କାରଖାନାରୁ କାର୍ଯ୍ୟ କରୁଥିବା ଲୋକଙ୍କୁ ହଟାଇ କାରଖାନା ବନ୍ଦ କରି କହିଛନ୍ତି ଯେ - କଞ୍ଚା ମାଲ୍ ମୂଲ୍ୟରେ ବୃଦ୍ଧି ଏବଂ ପରିବହନ ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ କାରଖାନା ବନ୍ଦ ରହିଛି। ପ୍ରଥମ ଅର୍ଥନୀତି ହେଉଛି ଏହି ପରିସ୍ଥିତିର ମୁକାବିଲା ପାଇଁ ସରକାର କିଛି କରିବା ସ୍ଥିତିରେ ନାହାନ୍ତି। କାରଣ ସରକାର ନିଜେ ଘରୋଇ ମାଲିକ ମାନଙ୍କୁ ଏସବୁକୁ ହସ୍ତାନ୍ତର କରିଛନ୍ତି ,ଏହି ଆଶା ରଖି ଯେ ଦେଶର ଅର୍ଥନୀତି ସୁଧୁରିବ। ଏହାର ଅନ୍ୟ ଚେହେରା ରାଜନୈତିକ - ବାସ୍ତବରେ ହିମାଚଳରେ ଶକ୍ତି ପରିବର୍ତ୍ତନ ହୋଇଛି। ସେଠାରେ ବିଜେପି ବଦଳରେ କଂଗ୍ରେସ କ୍ଷମତାକୁ ଆସିଛି। ସେ କ୍ଷମତାକୁ ଆସିବା ମାତ୍ରେ ସିମେଣ୍ଟର ମୂଲ୍ୟ କାହିଁକି ବଢୁଛି ବୋଲି ପ୍ରଶ୍ନ ଉଠାଇଥିଲେ। ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ଏବଂ ଶିଳ୍ପ ବିଭାଗର ଅଧିକାରୀଙ୍କ ସହ କଥାବାର୍ତ୍ତା କରି କହିଥିଲେ ଯେ ହିମାଚଳରେ ସିମେଣ୍ଟ ବହୁତ ମହଙ୍ଗା ବିକ୍ରି ହେଉଛି, ଏହାକୁ କମ କରାଯିବା ଉଚିତ୍। ଆଦାନୀଙ୍କ କମ୍ପାନୀ ୧୪ ତାରିଖ ଦିନ ଘୋଷଣା କଲେ ଯେ ସେ ଉଭୟ କମ୍ପାନୀ ବନ୍ଦ କରୁଛନ୍ତି। ୧୬ ତାରିଖରେ ପରିବହନ ୟୁନିଅନ୍ ସହିତ ଆଲୋଚନା ହୋଇଥିଲା, କିନ୍ତୁ କୌଣସି ଫଳାଫଳ ମିଳିଲା ନାହିଁ। ୧୭ ତାରିଖ ଦିନ ରାଜ୍ୟ ସରକାର ଏକ ବିଜ୍ଞପ୍ତି ଜାରି କଲେ ଯେ - ପ୍ରକୃତରେ ଆପଣ ଏକତରଫା କାରଖାନା ବନ୍ଦ କରିପାରିବେ ନାହିଁ। କାରଣ ଏଥିରେ ୧ -୨ ଜଣଙ୍କର ଜୀବିକା ଶେଷ ହେଉନାହିଁ, ବରଂ ଏହା ୨୫୦୦୦ ଲୋକଙ୍କୁ ପ୍ରଭାବିତ କରୁଛି ଯାହାର ଜୀବିକା ଏହି କାରଖାନା ସହିତ ସଂଯୁକ୍ତ ଥିଲା। କେତେକ ସ୍ଥାୟୀ କର୍ମଚାରୀ, କେହି ଚୁକ୍ତିରେ ଥିଲେ, କେହି ଟ୍ରକ୍ ଅପରେଟର ଏବଂ କିଛି କ୍ଲିନର୍ ଥିଲେ। ତାହା ହେଉଛି, ଶ୍ରମିକ ଠାରୁ ଆରମ୍ଭ କରି ଢ଼ାବା ମାଲିକ ପର୍ଯ୍ୟନ୍ତ ସମସ୍ତେ ଏହା ଦ୍ୱାରା ପ୍ରଭାବିତ ହୋଇଥିଲେ। ସେତେବେଳେ ଏହି କଥା ରାଜନୈତିକ ଭାବେ ପଦାକୁ ଆସିଲା ଯେତେବେଳେ ଉ.ଚ.ଗ. କହିଲା ଯେ ଏହା ବିରୁଦ୍ଧରେ ଏକ ଅପରାଧିକ ମାମଲା ଦାଖଲ କରିବା ଉଚିତ୍। ଆଦାନୀ ହିମାଚଳରୁ ବହୁତ ଲାଭ କରିଛନ୍ତି। ବର୍ତ୍ତମାନ କ୍ଷତି ବେଳକୁ ଫାକ୍ଟ୍ରି କାହିଁକି ବନ୍ଦ କରୁଛନ୍ତି? ମୋଦୀ ସରକାର ସମୟରେ ଗୌତମ ଆଦାନୀଙ୍କ ଉନ୍ନତି ଘଟିଥିଲା। ମୋଦୀ ଯୁଗରେ ଭାରତର ଅର୍ଥନୀତି ତଳକୁ ଖସିଲା, ମୋଦୀ ଯୁଗରେ ଭାରତର ଜିଡିପି ହ୍ରାସ ପାଇଲା ଏବଂ ଏହି ସମୟ ମଧ୍ୟରେ କର୍ପୋରେଟ ନେଟୱାର୍କ ଅଭିବୃଦ୍ଧି ଜାରି ରଖିଥିଲା। କିନ୍ତୁ କେହି ବଜାର ବିଷୟରେ ଚିନ୍ତା କଲେ ନାହିଁ , ଯେଉଁ ବଜାରରେ ଦ୍ରବ୍ୟ ବିକ୍ରି ହେବ। ଗ୍ରାହକମାନେ ଏହି ଉତ୍ପାଦ କିଣିବେ ବୋଲି କେହି ଧ୍ୟାନ ଦେଲେନାହିଁ। ଦେଶର ମୌଳିକ ଭିତ୍ତିଭୂମି ପାଇଁ ସିମେଣ୍ଟ ହେଉଛି ଗୁରୁତ୍ୱପୂର୍ଣ୍ଣ। ତେବେ ମୋଦିଙ୍କ ଶାସନ ସମୟରେ କଣ କର୍ପୋରେଟରମାନଙ୍କୁ ରସାତଳକୁ ନେଇଯିବ? ଏହା ହେଉଛି ସେହି ମୋଦୀ ସରକାର, ଯେତେବେଳେ ଦେଶର ଅର୍ଥନୀତି ହ୍ରାସ ପାଇଲା, ସେତେବେଳେ ସରକାର ସେପ୍ଟେମ୍ବର ୨୦୧୯ ରେ ନିଷ୍ପତ୍ତି ନେଇଥିଲେ ଯେ ଆମେ କର୍ପୋରେଟ୍ ଟ୍ୟାକ୍ସକୁ ୩୦% ରୁ ୨୨% କୁ ହ୍ରାସ କରୁଛୁ। ଏହି ପ୍ରକ୍ରିୟାରେ ସରକାରଙ୍କୁ ୧ ଲକ୍ଷ ୪୫ ହଜାର କୋଟି ରାଜସ୍ୱ ର କ୍ଷତି ସହିବାକୁ ପଡିଲା। କିନ୍ତୁ କର୍ପୋରେଟ୍ ମାଧ୍ୟମରେ ନିଯୁକ୍ତି ସୃଷ୍ଟି ହେବ ବୋଲି ସରକାର ଅନୁଭବ କରିଥିଲେ, ଯଦି ଅର୍ଥନୀତି ଫେରି ଆସିଲା, କିନ୍ତୁ କିଛି ହେଲା ନାହିଁ। ସମସ୍ତେ ସେମାନଙ୍କର ଉତ୍ସକୁ ସଂପୂର୍ଣ୍ଣ କଲେ ଏବଂ ସେମାନଙ୍କର ଶିଳ୍ପ ସ୍ଥିର କଲେ ଏବଂ ଲାଭ କରିବା ଆରମ୍ଭ କଲେ। ଦେଶ ଏବଂ ଲୋକମାନଙ୍କ ବିଷୟରେ କେହି ଚିନ୍ତା କଲେ ନାହିଁ। ଏବେ ଆସନ୍ତୁ ହିମାଚଳ ପରିସ୍ଥିତିକୁ ଫେରିବା ଅର୍ଥାତ୍ ଦେଶର ଆର୍ଥନୀତିକ ଗଠନ ଉପରେ ନଜର ପକାଇବା। ଦେଶର ଅର୍ଥନୀତିକୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ବିଚାର କଣ ବର୍ତ୍ତମାନ କର୍ପୋରେଟରମାନେ ଏହାର ଆଭିମୁଖ୍ୟରେ ଆସିବା ଆରମ୍ଭ କରିଛନ୍ତି କି? କର୍ପୋରେଟ ମାନଙ୍କର ଲାଭ ନହେବା ପରିସ୍ଥିତିରେ କମ୍ପାନୀ ବନ୍ଦ ହେବା ନିଶ୍ଚିତ, ଏଭଳି ପରିସ୍ଥିତିରେ ରାଜନୈତିକ ଭାବେ କଂଗ୍ରେସ ଏବଂ ବିଜେପି ମଧ୍ୟରେ ତିକ୍ତତା ଦେଖାଯାଉଛି, ବିଶେଷ କରି ଯେତେବେଳେ ଆଦାନୀଙ୍କ ନାମ ଆସେ, ସେତେବେଳେ ଗେହଲୋତ ସହିତ ବନ୍ଧୁତା ମଧ୍ୟ ଆମେ ଦେଖିଥିଲେ, ଯେଉଁଠାରେ ସୌର ପ୍ରକଳ୍ପ ଆରମ୍ଭ ହୋଇଥିଲା। ଆମେ ଛତିଶଗଡରେ ମଧ୍ୟ ଦେଖିଲୁ ଯେଉଁଠାରେ ଖଣି ଖନନ ଆରମ୍ଭ ହୋଇଥିଲା ଏବଂ ଆଦାନୀଙ୍କୁ ଖଣି ଖନନ କାର୍ଯ୍ୟ ଦିଆଯାଇଥିଲା।କିନ୍ତୁ ହିମାଚଳ ଆସିବା ପରେ ଏହା କାହିଁକି ପଛଘୁଞ୍ଚା ଦେଲା? ଦେଶର ପରିବର୍ତ୍ତିତ ରାଜନୀତି ହିମାଚଳରୁ ହୃଦୟଙ୍ଗମ ହେବାକୁ ଲାଗୁଛି ନା ଅର୍ଥନୀତି ସ୍ଥାୟୀ ନୁହେଁ ଏବଂ କର୍ପୋରେଟର ମାନେ ପ୍ରଥମ ଥର ପାଇଁ ଏହି ଉଷ୍ମତା ଅନୁଭବ କରିବା ଆରମ୍ଭ କରିଛନ୍ତି? ବାସ୍ତବରେ, ହିମାଚଳ ପ୍ରଦେଶର ବିଲାସପୁର ଜିଲ୍ଲା ଗଗଲରେ ଏସିସି ସିମେଣ୍ଟ ନାମରେ ଏକ କାରଖାନା ଚାଲୁଥିଲା। ଅନ୍ୟପକ୍ଷରେ, ଅମ୍ବୁଜା ସିମେଣ୍ଟ ନାମରେ କିଣାଯାଇଥିବା ସୋଲାନରେ କାର୍ଯ୍ୟ କରେ। ଏହି ସମୟ ମଧ୍ୟରେ ପରିବହନ ଶୁଳ୍କ ବୃଦ୍ଧି ହୋଇନାହିଁ, କିନ୍ତୁ ବଜାରରେ ଡିଜେଲ ପେଟ୍ରୋଲର ମୂଲ୍ୟ ବଢ଼ିବାରେ ଲାଗିଛି।ପରିବହନ କର୍ମଚାରୀମାନେ ୨୦୧୯ ଠାରୁ ଅନୁରୋଧ କରୁଛନ୍ତି ଯେ ମୂଲ୍ୟ ବୃଦ୍ଧି କରାଯାଉ। ସେହି ସମୟର କମ୍ପାନୀ କୌଣସି ପ୍ରକାରେ ପରିଚାଳନା କରୁଥିଲା ଏବଂ ପରିଚାଳନା କରିବା ସମୟରେ ଜିନିଷଗୁଡ଼ିକୁ ଆଗକୁ ନେଉଥିଲା। ସେପ୍ଟେମ୍ବରରେ ଯେତେବେଳେ ଆଦାନୀଙ୍କ କମ୍ପାନୀ ଦାୟିତ୍ୱ ହାତକୁ ନେଲା, ସେତେବେଳେ ପରିବହନ ଲୋକମାନେ କହିବା ଆରମ୍ଭ କଲେ ଯେ ବର୍ତ୍ତମାନ ଏହାର ମୂଲ୍ୟ ବୃଦ୍ଧି କରିବାକୁ ପଡିବ। କିନ୍ତୁ ସେଠାରେ ସେତେବେଳେ ବିଜେପି ସରକାର ଥିଲା। ସେ କୌଣସି ପ୍ରକାରେ ଚୁକ୍ତିନାମା କରିଥିଲେ ଏବଂ ଜିନିଷ ଚାଲିଥିଲା। କିନ୍ତୁ ଧୀରେ ଧୀରେ ୨୦୨୨ ଆସିଲା ଏବଂ ସାଶନ ପରିବର୍ତ୍ତନର ପବନ ବହିବାକୁ ଲାଗିଲା। ପରିବହନ ଲୋକ କହିଲେ ଯେ ବର୍ତ୍ତମାନ ଆଉ ହେବ ନାହିଁ, କାରଣ ତେଲର ମୂଲ୍ୟ ବୃଦ୍ଧି ଅନୁଯାୟୀ, ଯଦି ଆମେ ବଢ଼ାଇଥାନ୍ତୁ, ପାହାଡ଼ିଆ ଅଞ୍ଚଳରେ ପ୍ରାୟ ୧୩ ରୁ ୧୪ ଟଙ୍କା, ତେଣୁ ଏହା ୧୦ ଟଙ୍କା ୫୮ ପଇସା କିନ୍ତୁ ଟନ୍ ପିଛା ପ୍ରତି କିଲୋମିଟର, କିନ୍ତୁ ଏହା ୧୩ - ୧୪ ଟଙ୍କା ହୋଇଯାଏ କିନ୍ତୁ ଆମେ ଏହାକୁ ୧୦ ଟଙ୍କା ୫୮ ପଇସା ଏବଂ ପ୍ଲେନ ଅଞ୍ଚଳରେ ଏହା ୫ ଟଙ୍କା ୩୮ ପଇସା ରଖିବୁ। କମ୍ପାନୀ କହିଲା - ନା, ଏହାର ମୂଲ୍ୟ ୬ ଟଙ୍କା ଉପରେ ସହମତି ହେବା ଉଚିତ ଏବଂ ଏହା ପାହାଡ଼ିଆ ଅଞ୍ଚଳ କିମ୍ବା ସାଧା ଅଞ୍ଚଳ ହେଉ। ୟୁନିୟନର ଲୋକମାନେ କହିଛନ୍ତି ଯେ ପାହାଡ଼ିଆ ଅଞ୍ଚଳରେ ତେଲ ଅଧିକ ଖର୍ଚ୍ଚ ହୋଇଥାଏ। ଆପଣ ସରକାରଙ୍କୁ କୁହନ୍ତୁ ଯେ ଯେତେବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ କମ୍ ଯାହାକୁ ସରକାର ବାହାରୁ ଆଣୁଛନ୍ତି, ତାହେଲେ ଏଠାରେ କାହିଁକି ହ୍ରାସ ହେଉନାହିଁ? ସରକାରଙ୍କୁ ଜଣା ଯେ ଟ୍ୟାକ୍ସ ଆକାରରେ ଅର୍ଜନ ହୋଇଥିବା ଏହାର ସବୁଠାରୁ ବଡ ଆୟ ହେଉଛି ଡିଜେଲ, ପେଟ୍ରୋଲ ଏବଂ ଗ୍ୟାସ। ଅର୍ଥାତ୍ ସରକାର ଟିକସ ଛାଡ କରିବାକୁ ଚାହୁଁନାହାଁନ୍ତି। ତେବେ କର୍ପୋରେଟ୍ କ'ଣ କରିବ? ସରକାର ସମସ୍ତ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡ଼ିକୁ କୌଡୀ ମୂଲ୍ୟରେ କର୍ପୋରେଟରମାନଙ୍କୁ ହସ୍ତାନ୍ତର କରୁଛନ୍ତି। ଯେଉଁଥିରେ ଆଦାନୀ ନଂ ୧ ରେ ଅଛନ୍ତି ଏବଂ ଆଦାନୀ ଉପରେ ଋଣ ସର୍ବାଧିକ। ଗୋଟିଏ ପଟେ ସବୁକିଛି କର୍ପୋରେଟରଙ୍କ ହାତରେ ଦିଆଯାଉଛି, ଅନ୍ୟପଟେ ସରକାରଙ୍କ ନୀତି ଅନୁଯାୟୀ କଞ୍ଚାମାଲ ଏବଂ ତେଲର ମୂଲ୍ୟ ହ୍ରାସ କରାଯାଉନାହିଁ। କର୍ପୋରେଟ୍ କ୍ଷତି ସହି କମ୍ପାନୀ ଚଳାଇବେ ନାହିଁ। ଏଣୁ ହିମାଚଳ ପ୍ରଦେଶ ରେ ଅଦାନୀ ଦୁଇଟି ସିମେଣ୍ଟ କମ୍ପାନୀକୁ ବନ୍ଦ କରିଦେଇଛନ୍ତି। ସରକାରଙ୍କ ଆର୍ଥିକ ନୀତିକୁ ଏହିଭଳି ଭାବେ ବୁଝିବାକୁ ହେବ . ନୂଆ ଆର୍ଥିକ ନୀତି ଜାଲରେ କେହି ନିଜକୁ ରକ୍ଷା କରିପାରିବେ ନାହିଁ। ଆମେରିକାରେ 'ଦି ଗ୍ରେଟ ଡିପ୍ରେସନ' ସମସ୍ୟା ଏହି ଭଳି ଭାବେ ସୃଷ୍ଟି ହୋଇଥିଲା, ଯାହା ପୁରା ବିଶ୍ୱର ଅର୍ଥନୀତି ଉପରେ ପ୍ରଭାବ ପକାଇଥିଲା।

*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ସଡ଼କ ଦୁର୍ଘଟଣାରେ ବର୍ଷକୁ କ୍ଷତି ୧୫୦୦ କୋଟି



ଅଲେଖ ଚନ୍ଦ୍ର ସାମଲ

ସଡ଼କ ନିରାପତ୍ତା ସଂକ୍ରାନ୍ତରେ ରାଜ୍ୟ ସରକାର ସଚେତନ ହେଉନଥିବାରୁ ଓଡ଼ିଶାରେ ବାର୍ଷିକ ଯେତେ ଧନଜୀବନ କ୍ଷତି ହେଉଛି ତାହାର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେବ। ଅବକାରୀ, ପରିବହନ ଓ ପୁଲିସ ପ୍ରଶାସନ ଏ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମ କଲେ ସଡ଼କ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତାହତଙ୍କ ସଂଖ୍ୟା ୫୦%ରୁ ଅଧିକ କମିପାରିବ ବୋଲି ନିକଟରେ ଏକ ଆଲୋଚନାଚକ୍ରର ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି। ଗତ ବାର ବର୍ଷରେ ଓଡ଼ିଶାରେ ଲକ୍ଷାଧିକ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୪୦ ହଜାରରୁ ଅଧିକ ଲୋକ ମରିଛନ୍ତି ଏବଂ ୫୦ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପରିସଂଖ୍ୟାନରେ ଦର୍ଶାଯାଉଛି। ରାଜ୍ୟରେ ଯେତେ ସଂଖ୍ୟକ ସଡ଼କ ଦୁର୍ଘଟଣା ଘଟୁଛି ତାହାର ପ୍ରାୟ ୬୦% ନିଶାଜନିତ କାରଣରୁ ହେଉଥିବାବେଳେ ବେପରୁଆ ଗାଡ଼ିଚାଳନାରୁ ଅନ୍ୟୁନ ୩୦% ଦୁର୍ଘଟଣା ଘଟୁଛି। ଉପରୋକ୍ତ ସରକାରୀ ପରିସଂଖ୍ୟାନକୁ ହିସାବକୁ ନେଲେ ଗତ ବାର ବର୍ଷରେ ଅନ୍ୟୁନ ୨୪ ହଜାର ଲୋକ ନିଶା ଜନିତ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୩୦ ହଜାର ଲୋକ ଓଡ଼ିଶାରେ ପଙ୍ଗୁ ହୋଇଛନ୍ତି। ଏହାଛଡ଼ା ଦୁର୍ଘଟଣାଜନିତ ସମ୍ପତ୍ତିକ୍ଷୟ ମଧ୍ୟ ରହିଛି। ସରକାରୀ ହିସାବ ଅନୁଯାୟୀ ୨୦୧୫ ବର୍ଷରେ ଓଡ଼ିଶାରେ ୪୩୦୩ ଜଣ ସଡ଼କ ଦୁର୍ଘଟଣାରେ ମରିଥିବାବେଳେ ବର୍ଷକୁ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବିଗତ ୧୦ ବର୍ଷର ପରିସଂଖ୍ୟାନରୁ ଜଣାପଡ଼ିଛି। ରାଜପଥର ୫୦୦ ମିଟର ଦୂରତା ମଧ୍ୟରେ ମଦ ଦୋକାନ ଖୋଲିବା ଉପରେ କଟକଣା ଥିବାବେଳେ ଖୋଦ୍ ରାଜ୍ୟ ସରକାର ଏହାକୁ ବଦଳାଇ ରାଜପଥ କଡ଼ରେ ମଦ ଦୋକାନ ଖୋଲି ଚାଲିବାରୁ ହାତ ପାହାନ୍ତାରେ ସଂଖ୍ୟାଧିକ ଚାଳକ ମଦ ପିଇ ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ିଚାଳନା କରିବାରୁ ବ୍ୟାପକ ସଂଖ୍ୟକ ଦୁର୍ଘଟଣା ଘଟୁଛି। ତେଣୁ ନିଶାପାନ ଜନିତ ଦୁର୍ଘଟଣା ଓ ତଦ୍‌ଜନିତ ଅପମୃତ୍ୟୁ ତଥା ଅନ୍ୟାନ୍ୟ କ୍ଷୟକ୍ଷତି ପାଇଁ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ମଦମୁକ୍ତି ଅଭିଯାନ ଆରୋପ କରିଛି। ଅର୍ଥନୀତିଜ୍ଞମାନେ କହୁଛନ୍ତି, ଓଡ଼ିଶାରେ ସଡ଼କ ଦୁର୍ଘଟଣା ଜନିତ ବାର୍ଷିକ କ୍ଷୟକ୍ଷତିର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେଉଛି। କେବଳ ସେତିକି ନୁହେଁ ଯେଉଁ ଲୋକମାନେ ଦୁର୍ଘଟଣାରେ ମରୁଛନ୍ତି କିମ୍ବା ପଙ୍ଗୁ ହେଉଛନ୍ତି ସେମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇ ଯାଉଛି। ମଦୁଆ ଗାଡ଼ିଚାଳକମାନଙ୍କୁ ଦମନ କରିବା ପାଇଁ ମୋଟର ଯାନ ଆଇନରେ କଡ଼ା ବ୍ୟବସ୍ଥା ଥିବାବେଳେ ତାହାର ଠିକଣା ଅନୁପାଳନ କରାଯାଉନାହିଁ। ରାଜ୍ୟ ସରକାର ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ୟାପକ ଅର୍ଥ ବ୍ୟୟ କରୁଥିବାବେଳେ ବାସ୍ତବରେ ସରକାର ସଚେତନ ହେଉନଥିବାରୁ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବଢୁଛି ବୋଲି ମଦମୁକ୍ତି ଅଭିଯାନରୁ ଜଣାଯାଏ।

ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ ତ୍ରୁଟି। କିନ୍ତୁ ଏହି ତ୍ରୁଟି ପାଇଁ ଖୋରାକ ଯୋଗାଉଛି ରାସ୍ତା କଡ଼ରେ ଉପଯୁକ୍ତ ସୂଚନା ଫଳକର ଅଭାବ। ଗୁରୁତ୍ୱପୂର୍ଣ୍ଣ ରାସ୍ତା କଡ଼ରେ ସୂଚନା ଫଳକ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ। ତେବେ ସଡ଼କ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟର ଶତପ୍ରତିଶତ ସଡ଼କରେ ସଙ୍କେତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ପରିବହନ ବିଭାଗ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦୦କିମି ରାସ୍ତାରେ ସଙ୍କେତ ବ୍ୟବସ୍ଥା ଆରମ୍ଭ ହେବ। ସଡ଼କ ସୁରକ୍ଷା ଦିଗରେ ସାଇନେଜ ଅବା ସୂଚନା ଫଳକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଗାଡ଼ି ଚାଳକମାନଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥାଏ। ଉପଯୁକ୍ତ ସଡ଼କ ଚିହ୍ନ ଏବଂ ଟ୍ରାଫିକ ସଙ୍କେତ, ସରଳ ସଡ଼କ ଇଞ୍ଜିନିୟରିଂ ପଦକ୍ଷେପ ଦୁର୍ଘଟଣାକୁ ବହୁ ମାତ୍ରାରେ ଦୂର କରିପାରିବ। କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ସିଗନାଲ ବ୍ୟବସ୍ଥା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ଜାମ ପାଇଁ ଦାୟୀ। ତେବେ ବିଳମ୍ବରେ ହେଲେ ମଧ୍ୟ ପରିବହନ ବିଭାଗ ରାଜ୍ୟର ବ୍ୟସ୍ତବହୁଳ ରାସ୍ତାରେ ସଠିକ ସୂଚନା ଓ ସିଗନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସଡ଼କ ଦୁର୍ଘଟଣା ହାର ୧୨ ପ୍ରତିଶତ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ମରାମତି ହେଉଥିବା ସ୍ଥାନ, ବ୍ଲାକ ସ୍ପଟ, ବିପଦପୂର୍ଣ୍ଣ ଅଞ୍ଚଳ ସମ୍ପର୍କରେ ସୂଚନା ଫଳକ ଲାଗିବା ଆବଶ୍ୟକ। ଏହା ଗାଡ଼ି ଚାଳକଙ୍କୁ ଆଗୁଆ ସତର୍କ କରିଥାଏ। ତେବେ ଓଡ଼ିଶାର ଏପରି ସୂଚନା ଓ ସିଗନାଲ ବ୍ୟବସ୍ଥାର ଘୋର ଅଭାବ ରହିଛି। ସିଂହଭାଗ ସୂଚନା ଫଳକ ଜରାଜୀର୍ଣ୍ଣ ହୋଇଛି। ଅନେକ ସୂଚନା ଫଳକରୁ ରଙ୍ଗ ଉଡିଗଲାଣି। ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ନିଜ ନିଜ ରାସ୍ତାରେ ଉପଯୁକ୍ତ ସୂଚନା ଫଳକ ନଥିବାରୁ ଅନେକ ଲୋକ ମୃତାହତ ହେଉଛନ୍ତି। ଗତ ବର୍ଷ ଡିସେମ୍ବରରେ ଲୋକସଭାରେ କେନ୍ଦ୍ର ସରକାର କହିଛନ୍ତି ଯେ, ୨୦୨୨ରେ ଜାତୀୟ ରାଜପଥ ଓ ଏକ୍ସପ୍ରେସ ୱେ ଗୁଡ଼ିକରେ ଦୁର୍ଘଟଣା ଯୋଗୁଁ ୪୭,୯୪୪ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୦ରେ ସେହି ସଂଖ୍ୟା ୫୩,୮୭୨ ଥିଲା। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁସାରେ ୨୦୨୨ରେ ଦେଶରେ ସବୁପ୍ରକାର ରାସ୍ତା ଦୁର୍ଘଟଣାରେ ୧.୬୪ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାର ପ୍ରଧାନ କାରଣ ହେଲା ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ ଗାଡ଼ି ଚଳାଇବା, ଭୁଲ ପଟେ ବା ରଂ ସାଇଡରେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନରେ ତ୍ରୁଟି ଓ ଗାଡ଼ି ଗୁଡ଼ିକର ଖରାପ ଅବସ୍ଥା, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଏବଂ ମୋବାଇଲ ଫୋନ ବ୍ୟବହାର। ୨୦୨୨ରେ ଯେତିକି ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା ସେଥିରୁ ୭୦ ପ୍ରତିଶତ ଗାଡ଼ି ସ୍ପିଡ ଅଧିକ ଥିବାରୁ ହୋଇଥିଲା। ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବା ସକାଶେ ବୈଷୟିକ କୌଶଳର ଅଧିକ ବ୍ୟବହାର କରିବାକୁ ପଡ଼ିବ। ତଦ୍ୱାରା ଦୋଷୀ ଡ୍ରାଇଭର ମାନଙ୍କର ତ୍ରୁଟିକୁ ତତକ୍ଷଣାତ ଧରାଯାଇପାରିବ ଏବଂ ସେମାନଙ୍କ ପାଖକୁ ଚାଲାଣ ପଠାଇ ହେବ। ସଡ଼କ ଦୁର୍ଘଟଣା ପାଇଁ ଓଡ଼ିଶାରେ ଏହି ନୂଆ ସୂଚନା ଓ ସଙ୍କେତ ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ସହ ସଚେତନତା ମଧ୍ୟ ସୃଷ୍ଟି କରିବ।

*ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍),*
*ପଳାଇ, ବାଲିଚନ୍ଦ୍ରପୁର, ଯାଜପୁର*
*ଦୂରଭାଷ : ୯୪୩୭୨୫୬୧୨୩*

## ଧାରାବାହିକ ଉପନ୍ୟାସ

ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୪୧




*(ପୂର୍ବପ୍ରକାଶ ଉତ୍ତାରୁ)*

ଦୁଇପଟର ଅଶାନ୍ତିକୁ ନେଇ ସାନବାବୁ ଖୁବ୍ ବେଶୀ ଦୁଃଖୀ। ସାନମାଲିକାଣୀଙ୍କ ଏକାଜିଦ୍ ଯେ ପିଲାମାନେ ସେଇଠି ହିଁ ପଢିବେ। ସେମାନଙ୍କର ଠିକ୍ ଦାୟିତ୍ୱ ଏଠି ନିଆ ଯାଇପାରିବନି। ମଳି ମୋଚଡ ଚାକରାଣୀଙ୍କ ହାତରେ ପିଲାମାନଙ୍କୁ ସେ ଦେଇପାରିବେ ନାହିଁ। ଏକଥାଟି ସାନବାବୁଙ୍କୁ ଖୁବ୍ ବାଧୁଛି। ସେବେଠାରୁ ସେ ଆଉ ଯାଉନାହାନ୍ତି ଦିଲ୍ଲୀ। ସାନ ମାଲିକାଣୀ ଜବରଦସ୍ତ ସେଠାକୁ ଡକାଇଛନ୍ତି ସାନବାବୁଂକୁ। ମାଲିକ ଓ ମାଲିକାଣୀ ବି ଉପାୟଶୂନ୍ୟ ହୋଇ ପୁଅର ମଙ୍ଗଳ ପାଇଁ ସାନବାବୁଙ୍କୁ ଅନୁମତି ଦେଇ ସାରିଲେଣି ଦିଲ୍ଲୀରେ ଯାଇ ରହିବାକୁ। ଅଥଚ ସାନବାବୁ ଏ ପ୍ରସ୍ତାବରେ ସଂପୂର୍ଣ୍ଣ ଅରାଜି। ସେ ନିଜର ଜନ୍ମସ୍ଥାନ ଓ ଦିନକୁ ଦିନ ରୁଗ୍‌ଣ ହୋଇଆସୁଥିବା ବାପାମାଆଙ୍କୁ ଛାଡି ଅନ୍ୟତ୍ର ଯିବାକୁ ଗ୍ରହଣ କରିପାରୁ ନାହାନ୍ତି। ତାଙ୍କ ଅନ୍ତରାତ୍ମା ତାଙ୍କୁ ବାଧା ଦେଉଛି। ତାଙ୍କ ଉପରେ ଏ ପୁରା ଘରଟି ନିର୍ଭର କରେ। ଆଉ ସେ ସେସବୁକୁ ଛାଡି ସେମାନଂକ ସ୍ନେହ ଓ ଆଦରକୁ ଅଣଦେଖା କରି କେମିତି ଚାଲିଯିବେ ? ତାଙ୍କ ଭିତରର ମାନବିକତା କଣ ମରିଗଲାଣି ?

ଏସବୁ ଘଟଣା ଓ ଦୁର୍ଘଟଣା ଭିତରେ ତା ଅତିନିଜର ଜେଜେମା'ଟି ଦିନକୁଦିନ ଦୁର୍ବଳ ହୋଇପଡିଲାଣି। ତାର ଖାଇବା ପିଇବା ଧୀରେଧୀରେ ବନ୍ଦ ହୋଇ ଆସିଲାଣି। ଡାକ୍ତର କହୁଛନ୍ତି ମାନସିକ ଚାପ ଓ ବାର୍ଦ୍ଧକ୍ୟ ତାଙ୍କୁ ଦୁର୍ବଳ କରିପକାଇଛି ଅତର୍କିତ ଭାବେ। ଅବଶ୍ୟ ବୟସ ବଢିଛି। ତେବେ ଲୀନାର ଚିନ୍ତା ତାକୁ ଆଉରି ବେଶୀ ଅସହାୟ ଓ ବୟସ୍କ ବନାଇ ଦେଇଛି। ଚାହୁଁଚାହୁଁ ସେ ବିଛଣାରେ ନେସି ହୋଇଗଲାଣି। ଉଠିବାକୁ ତାର ବଳ ନାହିଁ। ଦିନକୁ ଦିନ ସେ ଭାଙ୍ଗିପଡୁଛି ଅସହାୟତାରେ ! ମନ ଓ ଶରୀର ଉଭୟ ରୁଗ୍‌ଣ ପାଲଟି ଯାଇଛନ୍ତି।

ଲୀନା ଜେଜେମାଆର ଦେଖାଶୁଣା କରୁଛି। ସେ ଆସି ସାହାରାଦେଲେ ଜେଜେ ମା ଉଠିବସୁଛି ବିଛଣାରେ। କେବେକେମିତି ମନ ଭୁଲାଇବାକୁ ଠାକୁରଘରକୁ ଯାଉଛି। ମାଲିକାଣୀଙ୍କ ପାଖରେ ବସି ଗୀତା, ଭାଗବତ ଶୁଣୁଛି। ସେଇଠି ଠାକୁରଙ୍କ ଗାଥା ଶୁଣୁଶୁଣୁ ପୁଣି ଢୁଳାଇ ପଡୁଛି। ସତେଯେପରି ବାର୍ଦ୍ଧକ୍ୟ ତାକୁ ନିଜ କବ୍ଜା ଭିତରକୁ ନେଇଗଲାଣି। ସେଥିପାଇଁ ସେ ଆଉ ଆଗ ଭଳି ମାଲିକାଣୀଙ୍କୁ ଘସି ମାଜି ପାରୁନି । ଖାଲି ତା ଶିରାଳ ହାତରେ ଆଉଁସି ଦେଉଛି ଯାହା ! ମାଲିକାଣୀ ବି ତାର ଏ ବିପର୍ଯ୍ୟସ୍ତ ଅବସ୍ଥା ଦେଖି ଥାଉ ଥାଉ ବୋଲି କୁହନ୍ତି ତାକୁ। ଏମିତି ଉପରକୁ ଚାହିଁକି ପଡିଛି ଯେ ପଡିଛି। ସୋର ଶବ୍ଦ କିଛି ନାହିଁ ତାର।

ତା ଖବର ଶୁଣି ସାନବାବୁ ଯାଇଥିଲେ ତା ପାଖକୁ। ତା ପାଖରେ ବସିପଡି ତାକୁ ଆସ୍ତେ କରି ଡାକିଲେ- ଧାଈ ମା' ଉଠ। ତୁମେ ଏମିତି ଶୋଇଲେ ଭଲ ଲାଗୁନି। ତୁମକୁ ତ ସବୁବେଳେ ଏପଟ ସେପଟ ହେବାର ଦେଖିଲେ ଶାନ୍ତି ଲାଗେ। ତୁମେ ପରା ଆମମାନଙ୍କ ଶକ୍ତି। ଏମିତି ପଡିରହିଲେ ଆମେ ବଳ କେଉଁଠୁ ପାଇବୁ କୁହ ତ ! ଉଠ, ଡାକ୍ତରଙ୍କ ପାଖକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା। ଜେଜେମା' ମୁହଁ ବୁଲାଇଲା ଲୀନା ଆଡେ- ଖାଲି ଏ ପାଗେଳୀଟା.. କଥା। ଆଉ କିଛି କହିପାରିଲାନି ସେ।

ସାନବାବୁ କହିଲେ- ମୁଁ ପରା ତା ଦାୟିତ୍ୱ ନେଇଛି। ତୁମେ କାହିଁକି ଅଯଥାଟାରେ ବ୍ୟସ୍ତ ହେଉଛ । ଜେଜେମା' କିନ୍ତୁ ତା ମନକଥାଟି ଠିକ୍‌ରେ ପ୍ରକାଶ କରିପାରିଲାନି। ସେତକ ବି ସେ ଆଉ ପାରୁନି। ଭଲ କରି ନିଜ କଥା ବୁଝାଇପାରୁନି। ଖାଲି ଅସହାୟ ମୁଦ୍ରାରେ ଏମିତି ଉପରକୁ ଚାହିଁରହୁଛି। ଏହିପରି କିଛିଦିନ ପରେ ସେ ଆଉକିଛି କହିଲାନି। ଏମିତି ଚାହିଁଛି ଯେ ଚାହିଁଛି..ପୁରାପୁରି ବିବାକ୍ ପାଲଟିଯାଇଛି ! ନିଃଶ୍ୱାସ ପ୍ରଶ୍ୱାସ ବି ଚାଲୁନି। ନାଡିର ଗତି ନାହିଁ। ତା ଦେହ ଥଣ୍ଡା ଲାଗୁଛି। ଲୀନା ଥରି ଉଠିଲା ଭୟରେ।

ଜେଜେମା'..ଜେଜେମା' , ଉଠ ଜେଜେ ମାଆ। ଡାକରେ ସେ ନିଶୂନ୍ ରାତିଟା ବଡ ବିକଟ ରଡିକଲା। କେତୋଟା ନିଦୁଆ ଚଢେଇ ଡେଣା ଫଡ୍‌ଫଡ୍ କରି ଉଡିଗଲେ ମୁଣ୍ଡ ଉପରେ। ରାତିଟା ବି ଭୟରେ ଆହୁରି ବେଶୀ କଳାପଡିଗଲା ଯେମିତି। ଆକାଶ ବି ଭିଜିଗଲା ଲୁହରେ । ରାତି ବି ଲୀନା ସହିତ ସମଦୁଃଖୀ ହୋଇପଡିଲା।

ହଁ ଜେଜେମା' ଚାଲିଗଲା ତାର ସମସ୍ତ ଚିନ୍ତା ଚେତନା ଓ ଦୁର୍ଭାଗ୍ୟକୁ ମୁଣ୍ଡାଇ। ଲୀନାକୁ ସୁଖୀ ଭବିଷ୍ୟତ ଦେବାର ସମସ୍ତ ବିଫଳତାକୁ ଗୋଟାଇ। ଜୀବନଟା ଯାକ ତାକୁ ଏମିତି ସରିବାକୁ ଥିଲା ଆଉ ସେ ଯେମିତି ଶୂନ୍ୟହସ୍ତରେ ଆସିଥିଲା,ସେମିତି ଚାଲିଗଲା। କିଛି ନେଲା ନାହିଁ। ହୁଏତ ମୁକ୍ତି ପାଇଗଲା ସମସ୍ତ ଚିନ୍ତାରୁ। କିନ୍ତୁ ଲୀନାଟା ଯେ ଅନାଥିନୀ ପାଲଟି ଗଲା। କାହା କୋଳରେ ସେ ଆଉ ମୁହଁଗୁଞ୍ଜି କାନ୍ଦିବ।

*(କ୍ରମଶଃ)*

## ନିର୍ବାଚିତ କବିତା



## ନିର୍ଜନ ରାତିର ନାୟିକା

### ଶରତ କୁମାର ଦାସ

କିଏ ସେ ଆଙ୍କିଛି ଝେଟି
ଆକାଶର ନୀଳ ଅଗଣାରେ
ଚିକିମିକି ତାରା ଗହଣରେ।
କିଏ ସେ ବୋଳିଦେଇଛି ରଙ୍ଗ
ଭିଜା ଭିଜା ବାଦଲ ମୁହଁରେ
କେଉଁ ଏକ ସୂର୍ଯ୍ୟାସ୍ତ ବେଳାରେ।
କାହାର କୋମଳ ହାତର ସ୍ପର୍ଶ
ମୋ' ଛାତିରେ ଖୁନ୍ଦାଖୁନ୍ଦି ହୋଇ ରହିଥିବା
ତମାମ ଦୁଃଖକୁ ଶୁଆଇଦେଉଛି
ରାତିର ଅନ୍ଧାରୀ ଶେଯରେ।
କାହାର ଗୁଣୁ ଗୁଣୁ ଗୁଞ୍ଜରଣ
ଭରିଦେଉଛି ମଧୁ କୋଳାହଳ
ମୋ' ଶୂନ୍ୟ, ନୀରବ ଓ ଶୋକାର୍ତ୍ତ ମନରେ।
କାହାର କଟିର ମେଖଳା
ରିମଝିମ୍ ସୁର ସୃଷ୍ଟି କରେ ମୋ ଉଦାସ ମନରେ
ଆଉ କାହାର ପାଉଁଜିର ରଣୁଝୁଣୁ ଶବ୍ଦ
ସ୍ୱପ୍ନ ଭରିଦିଏ ମୋ ଉନିଦ୍ର ଆଖିରେ।
ତମେ କି ସତେ ମୋ' ଅମାବାସ୍ୟା ଆକାଶର
ପହିଲି ଚନ୍ଦ୍ରମା... !
ତମେ କି ସତେ ମୋ' କ୍ଷରିତ ରକ୍ତର
ସତେଜ ଲାଲିମା... !
ମୁଁ ଅବଶ୍ୟ ଜାଣିଛି
ଏବେ ଏବେ
ଅବିଶ୍ରାନ୍ତ ବୈଶାଖର ଡହଡହ ମରୁର ବାଲିରେ
ପାଦ ଥାପିଛି ମୁଁ ନୂଆ ନୂଆ,
ମଧ୍ୟାହ୍ନର ହୁତୁହୁତୁ ଜଳୁଥିବା ସୂର୍ଯ୍ୟଙ୍କୁ
ସାମନା କରିବାକୁ ହେବ ବାରମ୍ବାର।
ହେଲେ ଭୟ ନାହିଁ ମୋ'ର
କେବେବି ନଥିଲା
ଜଳିବାରେ କେବେ ଅବସୋସ ନାହଁ ମୋର
ନା କିଛି ଅଭିଯୋଗ ନା ଅଭିମାନ।
ହାରିଗଲେ ବି ଜିତିବାର ଦୀପ ଜାଳୁଥିବି
ଯେତେ କଣ୍ଟା ଆସିଲେ ବି
ଗୋଲାପର ପରଶ ପାଇବି।
କାହିଁକି ନା
ଜାଣିଛି ମୁଁ ନିଜର ଅସ୍ତିତ୍ୱ
ମୋ' ତମାମ ଅନ୍ଧାରର ଆବର୍ତ୍ତ ଭିତରେ
ତମେ ଏକ ଫର୍ଚ୍ଚା ଜହ୍ନ ରାତି
ମୋ ହୃଦୟର ପ୍ରଥମ ଅକ୍ଷର
ମୁଁ ତମ ଶେଷ ପ୍ରତିଶ୍ରୁତି।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,*
*ବଡବିଲ ମହାବିଦ୍ୟାଳୟ,*
*ବଡବିଲ, ଜିଲ୍ଲା-କେନ୍ଦୁଝର*
*ମୋ-୮୨୪୯୧୩୭୦୯୧*

## ଶିଶିର ଆଶ୍ଳେଷ

### ପ୍ରଣତି ଆଚାର୍ଯ୍ୟ ମିଶ୍ର



ନୂତନ ପଲ୍ଲବେ ବିମଣ୍ଡିତ ମହୀ
ଶୁଭ୍ର ଶିଶିର ଆଶ୍ଳେଷେ
ମରୁ ପ୍ରାନ୍ତରୁ ମେରୁ ପ୍ରାନ୍ତ ଯାଏ
ଝଟକି ଅବନୀ ହସେ।
ନବ କିଶଳୟେ ପାଦପ ଜୁଡାରେ
ସଦ୍ୟ ପୁଷ୍ପ ହସି ଧିରେ
କହଇ ଗୋପନେ ଭ୍ରମର କାନରେ
ଛୁଇଁ ଯାଅ ମତେ ଥରେ।
କୁହୁଡି ଚାଦର ଓଢଣୀ ରେ ଗୁନ୍ଥା
ଶିଶିର ପ୍ରଣୟ ଗାଥା
ହେମାଳ ପବନେ ଅବଗୁଣ୍ଠନ ରେ
ଗାଏ ସେ ପିରତୀ କଥା।
ଚଞ୍ଚୁକୁ ଚଞ୍ଚୁରେ ଜଡେଇ ବିହଙ୍ଗ
ପ୍ରେମ ଭିକ୍ଷା କରେ ଡାକେ
ଭୂଧର ଉହାଡୁ ସୁବର୍ଣ୍ଣ କିରଣ
ଢାଳେ ରବି ଦୁର୍ବାଦଳେ।
ରକ୍ତଜବା ରଙ୍ଗ ନାଇ ତେଜୋଦୀପ୍ତ
ମୋହଗ୍ରସ୍ତ ନିଳ ରାତି
କାମଶରେ ବିଦ୍ଧ ହୋଇ ପ୍ରଣୟରେ
ଫୁଲେ ଭ୍ରମେ ପ୍ରଜାପତି।
ବୟସ ଶାଖାରେ କଅଁଳେ ପର୍ଣ୍ଣୀକା
ସଞ୍ଚରେ ଲାଜେଇ ଯାଏ
ତା'ରୂପ ଲାବଣ୍ୟେ ଆକୃଷ୍ଟ ଭ୍ରମର
ଗୁଣୁଗୁଣୁ ଗିତ ଗାଏ।
ଅମରାବତୀର ସ୍ୱପ୍ନ ଧରି ଅବା
ଅତର ସୁଗନ୍ଧ ନେଇ
ପିରତୀର ମହୁ ଢାଳେ ମହୁମାଛି
ସୁମନ ପୃଷ୍ଠାରେ ଶୋଇ।
ଚିଲମ ନିଶାରେ ମଣ୍ଡୁକ ଶୁଅଇ
ଗଭୀର ମଦିରା ନିଷା
ହିମର କଣିକା ଭୂମିରେ ଲୋଟଇ
ଧରି ଭାବ ପ୍ରେମ ଭାଷା।
ପ୍ରିତି ଅର୍ଘ୍ୟ ଢାଳି ଶୀତ ଛୁଏ ଯେବେ
ପ୍ରତୀଚୀ ପୁଲକ ହୁଏ
ମଧୁ ଯାମିନୀର ନିଳ ଜହ୍ନ ରାତି
ନିଜ ଆବେଶରେ ନିଏ।

*ନୟାଗଡ଼*
*ଦୂରଭାଷ : ୯୪୩୭୬୪୨୯୪୭*

## ତୁମେ ଯାହା ପଚାରି ବସିଲ

### ଭାଗୀରଥି ବେହେରା



ଯେଉଁଠି ନିଃଶ୍ୱାସ ଉପରେ ବିଶ୍ୱାସ ନାହିଁ
ନାହିଁ ଭରସା ଆଗତ କ୍ଷଣର
ସେଇଠି ତୁମେ ପଚାରି ବସିଲ
'ପ୍ରିୟତମ ! ମୋତେ ଭୂଲିଯିବନି ତ !'
ଏବେ ମୁଁ ଭାବୁଛି
କେମିତି ସଦା ତୁମେ ମନେ ରହିବ।
ଯେଉଁଠି ପରିବର୍ତ୍ତନ ହିଁ ଏକ ମାତ୍ର ସତ୍ୟ
ସତ୍ୟ ହିଁ ଜନ୍ମରୁ ମୃତ୍ୟୁ
ସେଇଠି ତୁମେ ପଚାରି ବସିଲ
'ପ୍ରିୟତମ ! ମୋତେ ପର କରି ଦେବନି ତ !'
ଏବେ ମୁଁ ଭାବୁଛି
କେମିତି ସଦା ତୁମେ ହେବ ନିଜର।
କେବଳ
ଏତିକି କହି ହେବ
ସମୟର ପରେ ଯାଇ ହେବ
ଛାଡି ହେବ ସବୁ ଭୟ ଓ ଶଙ୍କା
ବଞ୍ଚୁଥିବା ବର୍ତ୍ତମାନକୁ
ଆଲିଙ୍ଗନ ବଦ୍ଧ କରିବାକୁ ହେବ,
ଏବେ ମୁଁ ଭାବୁଛି
କେମିତି ତୁମେ ସଙ୍ଗେ ବଞ୍ଚି ହେବ।
ପ୍ରିୟତମା ! ସବୁ ହେବ
ଭୁଲିଗଲେ, ତୁମେ ଟିକେ ମନ ପକେଇଦେବ
ପର କଲେ, ତୁମେ ନିଜର ହେଇଯିବ
ସମର୍ପଣର ପରାକାଷ୍ଠା
ଏତେ ମୂଲ୍ୟବାନ ଯେ
କାହାକୁ ବି ପ୍ରେମ ପଥେ ଚଲେଇ ହେବ,
ମୁଁ ଏବେ ଭାବୁଚି ତୁମ ପାଇଁ
ଭଲପାଇବାର ଚିରନ୍ତନୀ ସ୍ରୋତ
ବୁହାଇବାକୁ ହେବ,
ମରିଗଲା ପରେ ବି
ଏ ଶରୀରରୁ ହୃଦୟକୁ
ସ୍ମୃତିର ଅଲିଭାଦୀପ ରୂପେ
ଜଳେଇ ରଖିବାକୁ ହେବ।

*ଗୋଷ୍ଠୀ ଶିକ୍ଷା ଅଧିକାରୀ*
*ଗଞ୍ଜାମ,ଗଞ୍ଜାମ*
*ଫୋନ ୮୨୮୦୨୨୩୬୪୪*

## ନାହିଁ ମାମୁଁ ଠୁ କଣା ମାମୁଁ ଭଲ



ମୂଳ ରଚନା: ବିରେନ୍ଦ୍ର ନାରାୟଣ ଝା
ଅନୁସୃଜନ: ପାରମିତା ଷଡ଼ଙ୍ଗୀ



ମାସ ଯାକର ଖବରକାଗଜକୁ ବୋତଲ ବିହାରୀ ଓଲଟ ପାଲଟ କରି ଦେଖୁଥିଲା। ତାକୁ ଦେଖି ବାହାଦୂର ପଚାରିଲା,"ଆରେ ଭାଇ ବୋତଲ, ତୁମେ ଖବରକାଗଜ ପଢୁଚ ନା ଖାଲି ପୃଷ୍ଠାଗୁଡ଼ିକୁ ଗଣୁଚ ?

ବୋତଲ ଅବିଳମ୍ବେ ଉତ୍ତର ଦେଲା," ନା ମୁଁ ଖବରକାଗଜ ପଢୁଛି ନା ପୃଷ୍ଠାକୁ ଆଣୁଛି, ମୁଁ ତ ସରକାର କେଉଁ କେଉଁ ଦିଗରେ ବିଫଳ ହୋଇଛନ୍ତି ତାର ହିସାବ କରୁଛି। ବୁଝିଲ ? ଯଦିଓ ଆମେରିକା ଆମ ମନ୍ତ୍ରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛି, କିନ୍ତୁ ଏହାର ଶାସନ ଉପରେ ଏହାର କି ପ୍ରଭାବ ପଡିଛି, ମୋତେ ଆକଳନ କରିବାକୁ ଦିଅ। ତମେ କେବଳ ସରକାରଙ୍କ ସଫଳତା ଦେଖ, କାରଣ, ତୁମର ଆଖି ବିଫଳତା ଦେଖିପାରେ ନାହିଁ। ଉଦାହରଣ ସ୍ୱରୂପ, ଆମେରିକାର ଲୋକମାନେ ଆଜି ପର୍ଯ୍ୟନ୍ତ ସେମାନଙ୍କର ବିଫଳତା ଏବଂ ଭୁଲଗୁଡ଼ିକୁ ଅନୁଭବ କରିନାହାଁନ୍ତି ଏଭଳି ପରିସ୍ଥିତିରେ ସେମାନେ ଅନ୍ୟର ବିଫଳତା ବିଷୟରେ କିପରି ଅନୁମାନ କରିପାରିବେ ? ବାସ୍ତବତା ସିନା ସ୍ଥାନିୟ ଲୋକଙ୍କୁ ଜଣା, ଯେଉଁଠାରେ ସରକାର ସେମାନଙ୍କ କଲ୍ୟାଣ ପାଇଁ ଯୋଜନା କରନ୍ତି ଏବଂ ତାକୁ ବିଜ୍ଞାପନ ଦିଅନ୍ତି। ଦେଖନ୍ତୁ, ଅନେକ ସରକାର ଆସି ଗଲେଣି।ସେ କେନ୍ଦ୍ରରୁ ହେଉ କିମ୍ବା ରାଜ୍ୟରୁ ହେଉ। ଆଜି ବି ଲୋକମାନେ ସେହିସବୁ ସମସ୍ୟା ସହ ସଂଘର୍ଷ କରୁଛନ୍ତି ଯେଉଁଥିରେ ସେମାନଙ୍କ ପୂର୍ବପୁରୁଷମାନେ ସଂଘର୍ଷ କରୁଥିଲେ। ଶୁଣାଯାଉଛି ରାଜ୍ୟ ଅଗ୍ରଗତି କରୁଛି। ବନ୍ଦ ଏସି ରୁମରୁ ବାହାରୁଥିବା ପ୍ରଗତିର ମାପଦଣ୍ଡ ହୃଦୟକୁ ଥଣ୍ଡା କରି ଦେଉଛି। ରାସ୍ତା ନିର୍ମାଣ କରାଯାଉଛି। ସେତୁ ନିର୍ମାଣ କରାଯାଉଛି। ସବୁଜ ବିହାରର ସ୍ୱପ୍ନ ସାକାର ହେଉଛି। ବିଶିଷ୍ଟ ରାଜ୍ୟର ମାନ୍ୟତା ପାଇବା ଅଭିଯାନ ଜୋରସୋରରେ ଚାଲିଛି। ଗାଁ। ଗାଁ ରେ ବିଦ୍ୟୁତ୍ ଯୋଗାଣ ପାଇଁ ଚେଷ୍ଟା କରାଯାଉଛି।ଜୟ କିସାନଙ୍କ ସ୍ଲୋଗାନ ଜୋରରେ ରହିଛି। ଶିକ୍ଷା-ସ୍ୱାସ୍ଥ୍ୟ-ରୋଜଗାର ଉପରେ ଉଚ୍ଚ ସ୍ତରୀୟ ବିତର୍କ ଚାଲିଛି। ପ୍ରତିଦିନ ନୂଆ ଘୋଷଣା ଘଟୁଛି। ପ୍ଲାନ୍ ସିଟି, ଅନ ଲାଇନ ଟ୍ୟାକ୍ସି, ୱାଚ୍ ଟାୱାର ଇତ୍ୟାଦି ପାଇଁ ସରକାର ଉଦ୍ୟମ କରୁଛନ୍ତି। ସରକାର ଯାହା ନିଷ୍ପତ୍ତି ନିଅନ୍ତି, ତାହା ପୂରଣ କରନ୍ତି। ଆଜି ଏଇ ସରକାରଙ୍କୁ ହଲାଇବାକୁ କାହାର ହିମ୍ମତ ନାହିଁ। ମନ୍ତ୍ରୀମାନେ ବିଶ୍ୱସ୍ତ, ଅମଲାତନ୍ତ୍ର ଚତୁର। ସୂଚନା ସେବାର ଘୋଷଣା ଆଉ ଜନସାଧାରଣ ଅସହାୟ ନାହାଁନ୍ତି, ତଦାରଖ କରିବାକୁ ପ୍ରସ୍ତୁତ। ହେଲେ ଦୁର୍ନୀତିର ବ୍ୟବସାୟ ଅଟକୁଛି କୋଉଠି... ?

"ବୋତଲବାବୁ, ତମେ ସରକାରଙ୍କ ସଫଳତା ନା ବିଫଳତାକୁ ଗଣନା କରୁଛ ? ମତେ ତ ଲାଗୁଚି ତମେ ବହୁତ ଦ୍ୱନ୍ଦ୍ୱରେ ପଡିଚ। ବୁଝି ପାରୁନ ଖବରକାଗଜରେ କ'ଣ ଖୋଜୁଛ ? ପ୍ରଥମେ ବିଚାର କରି କି ଖବର କାଗଜରୁ କ'ଣ ଦରକାର ? ଯଦି କିଛି ଜରୁରୀ ଖବର ମିଳିଛି ତେବେ କୁହ ନ ହେଲେ ଚୁପଚାପ , ଢିଙ୍କା-ଚିକା, ଢିଙ୍କା-ଚିକା ଗୀତରେ ନାଚ, କିଛି ନ ହେଲେ ଶରୀର ର ବ୍ୟାୟାମ ହେଇ ଯିବ।" ସରକାର ବାହାଦୂର ବାଧା ଦେଇ କହିଲା ବୋତଲ ବିହାରୀ କୋଉ ଚୁପ୍ ରହିବା ଲୋକ ଥିଲେ। କହିଲେ," ଶୁଣ ବାହାଦୂର, ମୁଁ ବର୍ତ୍ତମାନର ସରକାରଙ୍କ ପ୍ରୟାସ ବିଷୟରେ ଯାହା କହିଲି, ତା କ'ଣ ନୂଆ ? ବର୍ଷ ବର୍ଷ ଧରି ଏଭଳି ଉଦ୍ୟମ ଚାଲିଛି। ବର୍ତ୍ତମାନ ଯଦି ତୁମେ ଏହି ସରକାରକୁ ପୂର୍ବ ସରକାର ସହିତ ତୁଳନା କର, ତେବେ ସେହି ପୁରୁଣା କଥାଟି ସତ ହେବ - ନାହିଁ ମାମୁଁ କୁ କଣା ମାମୁଁ ଭଲ। ଭାଇ ତୁମକୁ କଣା ମାମୁଁ ଭଲ ଲାଗିଲା, ହେଲେ ଆମକୁ ତ ଦିଟା ଆଖି ଥିବା ମାମୁଁ ଦରକାର। କ୍ଷୀରର ମୂଲ୍ୟ ବଢି ଗଲାଣି। ଅଟୋ ଭଡାକୁ ଚାରି ଗୁଣ ବୃଦ୍ଧି କରିବାକୁ ପ୍ରସ୍ତାବ ରହିଛି। ପୋଲିସର ଗାଳି ଗୁଲଜ କଥା କ'ଣ କହିବି ! ମହଙ୍ଗା,ମହଙ୍ଗା ଘର ଏବଂ ମହଙ୍ଗା ଲାଞ୍ଚ । ଦୁଇ ଗାଁର ଜମି ପାଇଁ ସଂଗ୍ରାମ କରି ପ୍ରଭାବଶାଳୀ ବ୍ୟକ୍ତି ଜମିଦାର ହୋଇଗଲେ। ଗାଁର ଲୋକଙ୍କ ଅବସ୍ଥା ବିଷୟରେ ପଚାର, ଉତ୍ତମ ଶାସନର ରହସ୍ୟ ପଦାକୁ ବାହାରି ଆସିବ। ଡାକ୍ତରଖାନା ସବୁ ଅସୁସ୍ଥ, ସରକାରୀ ଟ୍ୟାପ୍ର ଖରାପ ଅବସ୍ଥା, ବିଶୁଦ୍ଧ ପାନୀୟ ଜଳକୁ ନେଇ ବିଚାର ବି ବହୁତ ଅପରିଷ୍କାର। ଦାରିଦ୍ର୍ୟ ଏବଂ ବେକାରୀ ଦୂର କରିବାରେ ସରକାର ନିୟୋଜିତ ଅଛି ହେଲେ ଦରିଦ୍ର୍ୟତା ଦିନକୁ ଚାରି ଗୁଣ ବଢି ଚାଲିଛି।

ଶୁଣ ବୋତଲ,ଏମିତି ଗୀତ ରେ ସରକାର ଚାଲେନି କି ଜନକଲ୍ୟାଣ ମଧ୍ୟ ହୁଏନି..। ଏଥିପାଇଁ କିଛି ଠୋସ୍ କାମ କରିବାକୁ ପଡିବ ଏବଂ ସରକାର ସେହି କାର୍ଯ୍ୟଗୁଡିକ କରିବା ପାଇଁ ଆନ୍ତରିକତାର ସହ , ମୁଁ ଅନୁଭବ କରୁଛି।"

"ତା ହେଲେ କୁହ ତ ଜନତା କୁ ମିଳୁଛି କ'ଣ ?, ନା ଠୋସ ନା କାମ। ଯାହା ବି ଜିନିଷ ପାଟନାରୁ ଗାଁ କୁ ଆସୁଛି,ପଞ୍ଚାୟତ ଠାରେ ଶେଷ। ଲୋକ ମାନେ ଖାଲି ବୋକା ହେଇ....." ବୋତଲ ବାସ୍ତବତା କୁ ବୁଝେଇବା ପାଇଁ ବର୍ଣ୍ଣନା କରି ଚାଲିଥିଲା।

ହଁ ପରା ! ଏସବୁ ରୋକିବା ପାଇଁ ସରକାର ଉଦ୍ୟମ କରୁଛନ୍ତି। ଆଦୌ ନହେବା ଅପେକ୍ଷା କିଛି ଭଲ ଘଟଣା ଘଟିବାରେ କ୍ଷତି କ'ଣ ! ଅପେକ୍ଷା ତ କିଛି ଭଲ ପାଇଁ...। ଯଦି ଆଜି ଭଲ ତେବେ ଆସନ୍ତାକାଲି ତୁମେ ସର୍ବୋତ୍ତମ। ହୁଏତ ସେତେବେଳେ ତମର ପାଞ୍ଚ ଆଙ୍ଗୁଠି ମାଛ ଭାତ ରେ ଥିବ।"

ମାଛ ନାଁ ଶୁଣିବା ମାତ୍ରେ ବୋତଲବାବୁଙ୍କର ଆହାର କେନ୍ଦ୍ର ମନେ ପଡ଼ିଗଲା। ତା ପାଖରେ ମାଛ ଭଜା ମିଳୁଛି,ସେ ବି ମାତ୍ର ପାଞ୍ଚ ଟଙ୍କାରେ। ଭୁରି ଭୋଜନ ଲୋଭ ରେ ବୋତଲ ବାବୁ ଡଗଡଗ ହେଇ ଚାଲିବାକୁ ଲାଗିଲେ। ସରକାର ବାହାଦୂର ଶାନ୍ତିରେ ନିଃଶ୍ୱାସ ନେବାକୁ ଚେଷ୍ଟା କରୁଥିଲେ।

*ମୋ-୯୮୬୭୧୧୩୧୧୩*

## କବିତାର କଥା

(ଭାଗ-୧୦୨)



ଉମାକାନ୍ତ ରାଉତ



## ଅସଲ ପ୍ରେମିକ

ରାଜାରାଜୁଡ଼ାଙ୍କ ଅହଂପୂର୍ଣ୍ଣ ଔଦ୍ଧତ୍ୟକୁ ତାଚ୍ଛଲ୍ୟ କରି, ଶତ ଦଂଶନର ଯନ୍ତ୍ରଣା ସହି, ଶାସ୍ୱତ ପ୍ରେମର ମାର୍ମିକ ରାହାରେ କବିତାକୁ ଶାଣଦିଆ ଖର ତରବାରୀ କରି ଗଢ଼ି ତୋଳିଥିବା ଆଉ ଜଣେ ବେସାଲିସ୍ ପ୍ରେମିକ ହେଲେ ଭୀମଭୋଇ। ପ୍ରେମର ମାତ୍ରା କେଉଁ ସ୍ତରକୁ ଗଲେ ଜଣେ ପ୍ରେମର ଏମିତି ମହାକବିତା/ମହାମନ୍ତ୍ରଟିଏ ଛିଞ୍ଚି ଦେଇପାରେ ସେକଥା ପ୍ରେମୀଟିଏ ହିଁ ବୁଝିପାରେ।

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ
ମୋ' ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ"

ଏହା ବେସାଲିସ୍ ଭଲ ପାଇବାର ଅମର ପ୍ରେମକବିତା ନୁହେଁ ତ ଆଉ କ'ଣ ?

ହେଲେ ଯେଉଁ ଦେହବାଦୀମାନେ (ତଥାକଥିତ ପ୍ରେମକବିତା ସୃଜନକାରୀ) ଖାଲି ଦେହର ଘର୍ଷଣ, କର୍ଷଣ, ଆଲିଙ୍ଗନ, ଚୁମ୍ବନ, ସ୍ତମ୍ଭନ ଓ ଆଶ୍ଳେଷ ଆଦିକୁ ପ୍ରେମ କବିତାର ସାମଗ୍ରୀ ସଜାଇ କେବଳ ଯୌନାକାଂକ୍ଷା, କୁଭାକୁତ୍ତୀ ପ୍ରେମ ଓ ଜିଆଡିଆ ଅଭିସାରର ଝଣ୍ଡା ଉଡାନ୍ତି, ସେମାନଙ୍କୁ ମୁଁ ଜାପାନୀ ତେଲର ଖାସ୍ସା ସୌଦାଗର କହିବି ସିନା; ପ୍ରେମିକ କବି କହିପାରିବି ନାହିଁ। ସେଇ କଥାକୁ ପରଖି ଜଗନ୍ନାଥ ଦାସେ ଲେଖିଦେଇଯାଇଛନ୍ତି ...

"ଅମୃତ ପ୍ରାୟ ଯୋନୀ ଦିଶେ
ତେଣୁ ଭ୍ରମଇ କାମ ଆଶେ।"

ଜଗନ୍ନାଥ ଦାସଙ୍କଠାରୁ ଆମେ କ'ଣ ବଡ଼ ପ୍ରେମିକ ?

ସୁତରାଂ ଏହା ଅମୃତ ନୁହେଁ, ଅମୃତ ପରି ଭ୍ରମ ସୃଷ୍ଟି କରୁଥିବା ହଳାହଳ ଗରଳ; ଏହା ପ୍ରେମ ନୁହେଁ, ପ୍ରେମ ପରି ପ୍ରତୀୟମାନ ହେଉଥିବା ଲାଲ୍ ଟକ୍ ଟକ୍ ସୁନ୍ଦର (!) ମହାକାଳ ଫଳ। ନାରୀର ଭ୍ରମ ସୃଷ୍ଟି କରୁଥିବା ସଭିଏଁ କ'ଣ ନାରୀ ପଦବାଚ୍ୟ ? ଚକ୍ ଚକ୍ କରୁଥିବା ସବୁ ଦ୍ରବ୍ୟ କ'ଣ ତାରା ନା ହୀରା ? ଅତଏବ୍ ପାଣିକଖାରୁକୁ ଅଙ୍ଗୁର ଭାବି ବାୟା ହେଉଥିବା ବାଚାଳମାନେ କ'ଣ ପ୍ରେମିକ ? ତା'ନହେଲେ ଆଦିଶଙ୍କର କ'ଣ କହିଥାନ୍ତେ......

"ନାରୀ ସ୍ତନଭାରଂ ନାଭି ଦେଶଂ
ଦୃଷ୍ଟ। ତ୍ୱ।ମାଗାଂ ମୋହାବେଶଂ
ଏତନ୍ମାଂସ ମାସାଦି ବିକାରଂ
ମନସି ବିଚିନ୍ତୟ ବାରମ୍ବାରଂ"

ତମ୍ବୁ ତଳେ ଥାଇ ଆକାଶ ନାହିଁ ବୋଲି କହିବା ଯାହା, ନାଆରେ ତଳେଇ ନ ବାନ୍ଧି ପବନ ବହୁନାହିଁ ବୋଲି କହିବା ଯାହା, ଶ୍ୱାସ ଯନ୍ତ୍ର ନଥାଇ ପବନରେ ଅମ୍ଳଜାନ ନାହିଁ ବୋଲି କହିବା ଯାହା; ପ୍ରେମର ଅସଲ ସ୍ୱରୂପକୁ ନ ଚିହ୍ନି କେବଳ ଦେହ-ଦାହ-ଦହନରେ ପ୍ରେମ ଓ ପ୍ରେମକବିତା ରହିଛି ବୋଲି କହିବା ତାହା।

ହଁ, ମାନୁଛି; କଳ୍ପନା ବିନା କବିତା ଅକଳ୍ପନୀୟ। ତା ସତ୍ତ୍ୱେ ବି କବି ଯଦି କେବଳ ପ୍ରିୟା, ଫୁଲ, ଫୁଲଶର, ଫୁଲଶଯ୍ୟା, ଶୀତ, ଶରତ, ବସନ୍ତ, ଦେହ, ମନ, ଚମକ, ଚୁମ୍ବନ ଆଦି ଆଶ୍ଳେଷର ତଥାକଥିତ ବାହ୍ୟ ଉତ୍ତେଜନା ଭିତରେ ବାନ୍ଧିହୋଇ ତଥାପି ନିରୁତ୍ତାପ ସତ୍ତାଟିଏ ପାଲଟିଯାଏ , ତା'ହେଲେ ସିଏ ତା'ର ଅସଲ ଭୂମିକାଟିର ଅମର୍ଯ୍ୟାଦା କରେ। ଯେତେ ଯାହା କହିଲେ ବି କବି ଯେ କ୍ରାନ୍ତଦର୍ଶୀ ପୁଣି କ୍ରାନ୍ତିକାରୀ, ଏ କଥାକୁ ଅସ୍ୱୀକାର କରି ହେବ କି ?

ତଥାକଥିତ ପ୍ରେମ କବିତାର ପ୍ରେମିକ କବିକୁ ଏତିକି ସୂଚେଇ ଦେବା ଉଚିତ୍ ହେବ - ଏବର ସେନାପତିଟିଏ ବନ୍ଧୁକ କି ତଲୱାର୍ ଧରି ଯୁଦ୍ଧ କ୍ଷେତ୍ରକୁ ଯାଏ କି ? ନିରାପଦ ନିୟନ୍ତ୍ରଣର ସହଯୁଦ୍ଧକୁ ଗତିଶୀଳ କରାଇବା ଓ ଏକ ନିର୍ଣ୍ଣାୟକ ପରିସମାପ୍ତିର ଲକ୍ଷ୍ୟ ହିଁ ସେନାପତିର ଅସଲ ଭୂମିକା। ସିଏ ଯଦି ନିଜେ ବନ୍ଧୁକ ଧରେ, ନିଜେ ତ ମରିବ ମରିବ, ସମସ୍ତେ ବି ମରିବେ, ଦେଶ ବି ବିନାଶ ହେବ।

କବିଟିଏ କ'ଣ ସେନାପତିଟିଏ ନୁହେଁ ?

ସୁତରାଂ ପ୍ରେମକୁ ଆଳ କରି କବି ନିଜେ ଚମଡ଼ା ରୋଗୀଟିଏ ହୋଇ ଘସାଘଷିରେ ବ୍ୟସ୍ତ କାମୁକଟିଏ ହେବା ଦରକାର ନା ସେନାପତିଟିଏ ହେବା ଚାହି ?

କବି ଭବରୋଗରେ ଆକ୍ରାନ୍ତ ହେବା ଦରକାର ନା ଭାବସତୀତ୍ୱ ରକ୍ଷା କରି କବିତାମନସ୍କ (ଆକ୍ରାନ୍ତ) ହେବା ଦରକାର ?

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ଅବ୍ୟବସ୍ଥା ଘେରରେ କଳାହାଣ୍ଡି ତହସିଲ

# ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଦାବି

**ଭବାନୀପାଟଣା :** ଦୀର୍ଘ ବର୍ଷ ହେଲା କଳାହାଣ୍ଡି ତହସିଲ ଅବ୍ୟବସ୍ଥାର ଘେର ଭିତରେ ଥିବା ବେଳେ ବାରମ୍ବାର ବିଭିନ୍ନ ସମ୍ବାଦପତ୍ରରେ ଲେଖାଯାଇଥିଲେ ମଧ୍ୟ କଳାହାଣ୍ଡି ପ୍ରଶାସନ ନିରବଦ୍ରଷ୍ଟା ସାଜିବାରେ କାରଣ ଅସ୍ପଷ୍ଟ। ପ୍ରଥମତଃ ନୋଜଲ ପ୍ରଜା ସତ୍ୱ ହଟାଇବାର ପ୍ରୟାସ ଏବେ ଖୋଦ ତହସିଲଦାର ସ୍ୱତପୂର୍ବ ଭାବରେ କରିବା ଯୋଗୁଁ ପ୍ରଶଂସାର ପାତ୍ର ହୋଇଛନ୍ତି। ଦ୍ୱିତିୟତଃ ଅନେକ ପୁରୁଣା କେସ୍ କମ୍ପ୍ୟୁଟରରେ ଫିଡିଂ ହୋଇପାରୁ ନାହିଁ, ଖାତା ଫିଡିଂ ନ ହୋଇଥିବା ଯୋଗୁଁ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ରେକର୍ଡ ଖୋଜିବାରେ ବହୁ ସମୟ ଲାଗୁଛି ଓ ତତମଧ୍ରୁ ଅନେକ ରେକର୍ଡ ହଜିଯାଇଥିବା ବା ମିଳୁନାହିଁ ବୋଲି ଅଫିସ ପ୍ରକାଶ କରୁଥିବାରୁ ତାହା ଆଲୋଚନାର ବିଷୟବସ୍ତୁ ପାଲଟିଛି। ସରକାରଙ୍କର ବାରମ୍ବାର ନିୟମ ବଦଳୁଥିବା ଆଦେଶ ଉଭୟ ଅଫିସ କର୍ମଚାରୀ ଓ ଜନସାଧାରଣ କାର୍ଯ୍ୟ ହାସଲ କରିବା କଷ୍ଟକର ହେଉଛି। ପ୍ରଶାସନିକ ସ୍ତରରେ ଅଦଳ ବଦଳ ଜିଲ୍ଲାପାଳଙ୍କ ସିବିରରେ ଅନଭିଜ୍ଞ ଅମଲାତନ୍ତ୍ରଙ୍କ ହସ୍ତକ୍ଷେପ କର୍ମଚାରୀଙ୍କୁ କାର୍ଯ୍ୟ କରିବାରୁ ବଞ୍ଚିତ କରୁଛନ୍ତି। ଅଭିଜ୍ଞତାଥିବା କର୍ମଚାରୀଙ୍କୁ ବାରମ୍ବାର ଦୁରଦୁରାନ୍ତକୁ ବଦଳି କରାଯାଉଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ଶୁଣିବାକୁ ମିଳେ ସାଧାରଣ ପ୍ରଶାସନ ବିଭାଗର ଅପାରଗତା ଯୋଗୁଁ ବାରମ୍ବାର କର୍ମଚାରୀ ବଦଳି ହେଉଅଛି। ବିଶେଷ କରି କଳାହାଣ୍ଡି ତହସିଲର ତହସିଲଦାରମାନଙ୍କର ପ୍ରତ୍ୟେକ ବର୍ଷ ବଦଳି ହେଉଛି ଓ କିରାଣୀ ବଦଳି, କୌଣସି କାର୍ଯ୍ୟ କରିପାରୁ ନଥିବା କର୍ମଚାରୀଙ୍କୁ ଏହି ତହସିଲରେ ଅବସ୍ଥାପିତ କରାଯାଉଛି। ୧୫ ବର୍ଷ ତଳକୁ ଫେରିଯାଇଥିବା ତହସିଲକୁ ବାରମ୍ବାର ପଛକୁ ପେଲି ଦିଆଯାଉଛି। ସରକାରୀସ୍ତରରେ ଏହି ତହସିଲରେ କନିଷ୍ଠ କିରାଣୀ ଛଅଜଣ ଦରକାରବେଳେ ତିନିଜଣ କାର୍ଯ୍ୟ କରୁଛନ୍ତି। ସେହିପରି ବରିଷ୍ଠ କିରାଣୀ ପାଞ୍ଚ ଜଣ ବଦଳରେ ଚାରିଜଣ କାର୍ଯ୍ୟକରୁଛନ୍ତି। ଅମିନ ସଂଖ୍ୟା ପାଞ୍ଚ ଯାଗାରେ ଦୁଇ ଜଣ କାର୍ଯ୍ୟ କରୁଛନ୍ତି। ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣ ଭାବରେ କାର୍ଯ୍ୟରତ, ସହାୟକ ରାଜସ୍ୱ ନିରୀକ୍ଷକ ନଅ ଜଣ ଆବଶ୍ୟକ ସ୍ଥଳେ ମାତ୍ର ଚାରିଜଣ କାର୍ଯ୍ୟରତ। ଏଥିରୁ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ଡେପୁଟେସନରେ ହାଇଟେକ ସର୍ଭେ କରିବା ପାଇଁ ସୁନ୍ଦରଗଡ଼ ପଠାଯାଇଛି। ଜଣେମାତ୍ର ଇ.ଓ. ଥିବାବେଳେ ସେ ବହୁତ ଶୀଘ୍ର ଅବସର ଗ୍ରହଣ କରିବେ। ତା' ଭିତରେ ସରକାରଙ୍କର ଓ.ଆର୍.ଟି.ପି.ଏସ୍ ଦିନକୁ ଦିନ ବଢ଼ିବାରେ ଲାଗିଛି ଓ ବହୁ ସଂଖ୍ୟାରେ ଜମିକିଣା ବିକା ତହସିଲ କର୍ମଚାରୀଙ୍କୁ ଅସୁବିଧାରେ ପକାଉଛି। ବହୁ ସଂଖ୍ୟାରେ ପୁରୁଣ ଦାଖଲ ଖାରଜ ଭାଗ ବଣ୍ଟନ ଓ ଅନ୍ୟାନ୍ୟ କେସ୍ ଗୁଡିକର ସମାଧାନ ହୋଇ ପାରୁନାହିଁ। ଏହି ତହସିଲରେ ରେକର୍ଡ କିପର କେହି ନାହାଁନ୍ତି। ଯିଏ ଥିଲେ ତାଙ୍କର ସୁନ୍ଦର କାର୍ଯ୍ୟ ଦକ୍ଷତା ଏପରି ଥିଲା ଯେ ଜନସାଧାରଣ ତ୍ରାହି ତ୍ରାହି ଡାକିଲେ। ତେଣୁ ତହସିଲଦାର ବାଧ୍ୟ ହୋଇ ସେହି କିରାଣୀଙ୍କୁ କାର୍ଯ୍ୟରୁ ଅବସରଦେ ବସାଇ ଦେଇଛନ୍ତି। ତାଙ୍କୁ ଜିଲ୍ଲାପାଳ ମହୋଦୟା ତାଙ୍କ ପାଖକୁ ନେଇଯିବାକୁ ବାରମ୍ବାର ଦାବି କରାଯାଉଛି। ଜଣେଦକ୍ଷ ତହସିଲଦାର ହେଲେ ଯେ, ତହସିଲ କାର୍ଯ୍ୟ ସୁରୁଖୁରୁରେ ଚାଲିବ ତାହାମାନେ ନାହିଁ, ଦକ୍ଷ କର୍ମଚାରୀ ଥିଲେ ସେଠାରେ କାର୍ଯ୍ୟ ଶୀଘ୍ର ହେବ ତାହା କଳାହଣ୍ଡି ଜିଲ୍ଲାପାଳଙ୍କୁ କେହି ଅମଲା ବା ପ୍ରଶାସନିକ ସ୍ତରରେ ଥିବା ଅଫିସର ଅବଗତ କରୁନଥିବାର ଦେଖାଯାଉଛି। ଜିଲ୍ଲାପାଳ ମହାଶୟା ନୂଆ ଆସିଥିବାରୁ ଏହାକୁ ସମ୍ବାଦପତ୍ର ମାଧମରେ ପ୍ରକାଶ କରିବାକୁ ବାରମ୍ବାର ଜନସାଧାରଣଙ୍କ ଦାବୀ ହେଉଛି। ଏହାର ଆଶୁ ସମାଧାନ ତଥା ବାରମ୍ବାର ବଦଳି ତଥା କାର୍ଯ୍ୟ କରି ଜାଣିଥିବା କର୍ମଚାରୀଙ୍କୁ ଯୋଗାଇଦେଲେ କଳାହାଣ୍ଡି ତହସିଲ ଅବ୍ୟବସ୍ଥା ପରିସ୍ଥିତି ରୁ ନିଶ୍ଚିତ ସୁଧୁରିବ ବୋଲି ଜିଲ୍ଲାପାଳ ମହାଶୟାଙ୍କ ଅବଗତି ପାଇଁ ସାମାନ୍ୟ ପ୍ରୟାସ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଷ୍ଟାଡିୟମ ହେଉଛି ...

କ୍ଷମତା ରଖିଛି ସେ ରାଷ୍ଟ୍ରକୁ କେହି କେବେ ଦିଗହୀନ କରିପାରିବେ ନାହିଁ। ବିଶ୍ୱର ହୃଦୟ ହେଉଛି ଭାରତ। ସତ୍ୟର ବଳରେ ଦିନେ ସମଗ୍ର ବିଶ୍ୱ ହିନ୍ଦୁତ୍ୱର ରଙ୍ଗରେ ରଙ୍ଗାୟିତ ହେବ ବୋଲି ସେ କହିଛନ୍ତି। ସେ ଏକଥା ବି କହିଲେ, ରାଜନୀତି, ବିକାଶ ଓ ପରିବେଶର ପରିଭାଷା ଏକ ହେବା ଉଚିତ। ସନାତନ ସମ୍ମତ ହେଉ ରାଜନୀତିର ପରିଭାଷା। ଏହାଦ୍ୱାରା ପରିବେଶର ସୁରକ୍ଷା ସହ ବ୍ୟକ୍ତିର କଲ୍ୟାଣ ସମ୍ଭବ। ଗୋବଂଶ ହତ୍ୟା ଦୂର ହେବା ଆବଶ୍ୟକ। ମାନବ ଜୀବନର ସାର୍ଥକତା ଯେଉଁଥିରେ ସନ୍ନିହିତ ଏହାକୁ ବୁଝି ବିକାଶକୁ କ୍ରିୟାନ୍ୱିତ କରିବାକୁ ପଡ଼ିବ। ମାତ୍ର ଏବେ ବିକାଶର ପରିଭାଷାକୁ ବିକୃତ କରାଯାଉଛି। ଆମେରିକା, ଜାପାନ ଓ ଚୀନ ବିକଶିତ ରାଷ୍ଟ୍ର ଭାବେ ପରିଗଣିତ ହେଉଥିଲେ। କିନ୍ତୁ କରୋନା ଶିଖାଇଦେଲା ଯେ କେବଳ ଭୌତିକ ଉନ୍ନତି ପ୍ରକୃତ ଉନ୍ନତିର ପରିଭାଷା ନୁହେଁ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ, ସମଗ୍ର ବିଶ୍ୱର ଐଶ୍ୱର୍ଯ୍ୟ, ଧନ ସମ୍ପତ୍ତି ଓ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କଲେ ମଧ୍ୟ ଫୁଲଟିଏ ଉତ୍ପନ୍ନ କରିବା ଅସମ୍ଭବ। ପରିବେଶର ସୁରକ୍ଷା ଉପଲବ୍ଧି କରିବାର ସମୟ ଉପନୀତ। ଅନ୍ୟ ପକ୍ଷରେ ସମଗ୍ର ଭଗବାନ ଶ୍ରୀକୃଷ୍ଣଙ୍କ ରୂପ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମଗ୍ର ବିଶ୍ୱ ସତର୍କ ହେଇଯାଉ ବୋଲି ସେ କହିଛନ୍ତି। ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଲେ, ମାନବ ସମାଜ ଭୌତିକ ପ୍ରଗତି ପଛରେ ଧାଇଁଚାଲିଛି। ତେବେ ସୁସ୍ଥ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଭୌତିକ ସହ ଆଧ୍ୟାତ୍ମିକ ପ୍ରଗତି ଆବଶ୍ୟକ। ସନାତନ ଧର୍ମର ଉତ୍ଥାନ ଓ ପ୍ରାଚୀନ ସଂସ୍କୃତିର ପୁନରୁଦ୍ଧାର ପାଇଁ ପ୍ରୟାସ ହେବା ଉଚିତ। ବୈଦିକ ଓ ସନାତନ ସଂସ୍କୃତିରେ ହିଁ ଆଦର୍ଶ ଚରିତ୍ର ଓ ଉତ୍ତମ ବ୍ୟକ୍ତିତ୍ୱ ମାର୍ଗ ନିହିତ ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ପୂଜ୍ୟପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜ, ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ବହୁ ସାଧୁ ସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବିଭିନ୍ନ ଦେଶରୁ ଆସିଥିବା ଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଏବର୍ଷ ଜିଡିପି ...

ଏହା ସହିତ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ) ମଧ୍ୟ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଜାତୀୟ ଆୟର ପ୍ରଥମ ଅଗ୍ରିମ ଆକଳନ (ଏଫଏଇ) ପ୍ରକାଶ କରିଛନ୍ତି। ଉଭୟ ସ୍ଥିର (୨୦୧୧-୧୨) ଏବଂ ବର୍ତ୍ତମାନର ମୂଲ୍ୟରେ ଏହା ପ୍ରକାଶ ପାଇଛି। ଫେବୃଆରୀ ୧ ରେ ଆଗାମୀ ବଜେଟ୍ ୨୦୨୩-୨୪ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସରକାର ଏହି ତଥ୍ୟ ବ୍ୟବହାର କରିବେ। ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏବେ ବଜେଟ୍ ପ୍ରସ୍ତୁତ କରୁଛନ୍ତି। ଏପରି ପରିସ୍ଥିତିରେ, ଏହି ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ ମାସରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ପୂର୍ବାନୁମାନରେ ଅଭିବୃଦ୍ଧି ହାରକୁ ୬.୮ ପ୍ରତିଶତକୁ ହ୍ରାସ କରାଯାଇଥିଲା। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଓ ୟୁକ୍ରେନ ଯୁଦ୍ଧ ଆଦି କାରଣରୁ ଅର୍ଥନୀତି ଧୀମା ହେବା ଆଶଙ୍କା କରାଯାଉଛି।

### କେସ୍ ଡାଏରୀ ...

ଅର୍ଚ୍ଚନା ନାଗଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହୋଇଥିଲେ। ଇଡି ତାଙ୍କୁ ତିନି ଘଣ୍ଟାରୁ ଅଧିକ ସମୟ ଧରି ଜେରା କରିଥିଲେ। ସେହି ସମୟରେ ତାଙ୍କୁ ଅର୍ଚ୍ଚନାଙ୍କ ଅର୍ଥନୈତିକ କାର ସମ୍ପର୍କରେ ଅନେକ ପ୍ରଶ୍ନ ପଚରାଯାଇଥିବା ଜଣାପଡ଼ିଛି। ସେହିପରି ଖଗେଶ୍ୱରଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମଧ୍ୟ ଇଡିରେ ହାଜର ହୋଇଥିଲେ। ଇଡିରେ ହାଜର ହୋଇ ବାହାରିବା ପରେ ଅର୍ଚ୍ଚନାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କହିଛନ୍ତି, ୨୦୨୧ ମସିହାରେ ଆଦିତ୍ୟ ପ୍ରେଷ୍ଟିଜ ଆଗ୍ରୋ କମ୍ପାନୀ ଗଠନ କରିଥିଲେ ଅର୍ଚ୍ଚନା। ୧୦ ଲକ୍ଷ ଟଙ୍କା ମୁଳଧନରେ ଆରମ୍ଭ ହୋଇଥିଲା କମ୍ପାନୀ। ନୂଆ କାର ସୋ ରୁମ୍ ପାଇଁ କମ୍ପାନୀ ଗଠନ ହୋଇଥିଲା। କିନ୍ତୁ ସେଥିରେ କିଛି ଆର୍ଥିକ କାରବାର ହୋଇ ନଥିବା ଅର୍ଚ୍ଚନାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କହିଛନ୍ତି। ଏବେ ରେଜିଷ୍ଟ୍ରାର ଅଫ୍ କମ୍ପାନୀ ଏହାକୁ ବନ୍ଦ କରି ଦେଇଥିବା ସେ କହିଛନ୍ତି।

### ୧୨୨ ବର୍ଷର ...

ଆଦି ରାଜ୍ୟର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୭ ଡିଗ୍ରି ପର୍ଯ୍ୟନ୍ତ ଅଧିକ ରହିଥିଲା। ଦକ୍ଷିଣ ଭାରତରେ ପୂର୍ବା ପବନର ପ୍ରବାହ ଯୋଗୁଁ ଡିସେମ୍ବରର ପ୍ରଥମାର୍ଦ୍ଧରେ ମହାରାଷ୍ଟ୍ରର ତାପମାତ୍ରା ବଢ଼ିଥିଲା। ସେହି ସମୟରେ ଉତ୍ତର କୋଙ୍କଣ ଓ କେନ୍ଦ୍ରୀୟ ଭାରତର ଆକାଶ ମଧ୍ୟ ମେଘୁଆ ରହିଲା। ଫଳରେ ଦେଶର ଉଷ୍ମତା ବଢ଼ିବା ସହ ଦେଶକୁ ଶୀତ ଆସିବାରେ ବିଳମ୍ବ ହୋଇଥିଲା। ଉତ୍ତର ଓ କେନ୍ଦ୍ରୀୟ ଭାରତରେ ଡିସେମ୍ବର ୧୫ ସୁଦ୍ଧା ନା କେ?ଣସି ଶୀତ ଦିନ ଆସିଥିଲା ନା ଶୀତ ଲହରି ପ୍ରବାହିତ ହୋଇଥିଲା। ଏପରିକି କୁହୁଡ଼ି ମଧ୍ୟ ପଡ଼ିନଥିଲା। ଡିସେମ୍ବର ୧୮ରେ ପ୍ରଥମେ ପଞ୍ଜାବ, ହରିୟାନା, ଚଣ୍ଡିଗଡ଼, ଦିଲ୍ଲୀ ଓ ଉତ୍ତର ରାଜସ୍ଥାନ ଭଳି ଦେଶର ଉତ୍ତର-ପଶ୍ଚିମ ଅଂଶରେ ଶୀତ ଲହରି ପ୍ରବାହିତ ହୋଇଥିଲା। ଆଇଏମ୍‌ଡି କରିଛି, ଗତ ଡିସେମ୍ବରରେ ଦେଶର ସର୍ବୋଚ୍ଚ ତାପମାତ୍ରା ଥିଲା ୨୭.୩୨ ଡିଗ୍ରି ଯାହାକି ସ୍ୱାଭାବିକ ତାପମାତ୍ରା ୨୬.୫୩ ଡିଗ୍ରିଠାରୁ ୦.୭୯ ଡିଗ୍ରି ଅଧିକ। ସେହିଭଳି ସର୍ବନିମ୍ନ ତାପମାତ୍ରା ଥିଲା ୧୫.୬୫ ଡିଗ୍ରି ଯାହାକି ସ୍ୱାଭାବିକ ତାପମାତ୍ରା ୧୪.୪୪ ଡିଗ୍ରିଠାରୁ ୧.୨୧ ଡିଗ୍ରି ଅଧିକ। ଅନ୍ୟପଟେ ଡିସେମ୍ବରର ସ୍ୱାଭାବିକ ତାପମାତ୍ରା ୨୦.୪୯ ଡିଗ୍ରି ହୋଇଥିବା ବେଳେ ଗତ ଡିସେମ୍ବରରେ ରେକର୍ଡ ହୋଇଛି ୨୧.୪୬ ଡିଗ୍ରି। ଯାହାକି ସ୍ୱାଭାବିକଠାରୁ ୧ ଡିଗ୍ରି ଅଧିକ। ୧୨୨ ବର୍ଷରେ ଗତ ଡିସେମ୍ବରର ସର୍ବାଧିକ ତାପମାତ୍ରା ଦେଶରେ ଦ୍ୱିତୀୟ।

### ତେବେ ମିଛ ...

ଶଙ୍କର ଓରାମ ଏହା କିଭଳି ବିଶ୍ୱର ସର୍ବବୃହତ୍ ବୋଲି ପ୍ରଶ୍ନ କରିବା ସହ ପାକିସ୍ତାନର ଲାହୋର, ଚଣ୍ଡିଗଡ଼ ଓ ଲସଏଞ୍ଜେଲସରେ ଏହାଠୁ ବି ବଡ଼ ହକି ଷ୍ଟାଡ଼ିୟମ ରହିଛି ବୋଲି କହିବା ସହ ଏଭଳି ମିଛ ପ୍ରଚାରକୁ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସୋସିଆଲ ମିଡିଆରେ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମିଛ ପ୍ରଚାରକୁ ନେଇ ମଧ୍ୟ କଡ଼ା ସମାଲୋଚନା ହେଉଛି। ତେବେ ପ୍ରଶ୍ନ ଉଠୁଛି, ଏହା କିଭଳି ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡ଼ିୟମ? ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀମାନେ ଏଭଳି ମିଛ ପ୍ରଚାର କରୁଛନ୍ତି କାହିଁକି? ସରକାରୀସ୍ତରରେ କୌଣସି ତଥ୍ୟ ମିଛ ପ୍ରଦାନ କରାଗଲେ, ଅବା ମୁଖ୍ୟମନ୍ତ୍ରୀଙ୍କ ମୁହଁରେ କୌଣସି ମିଛ କୁହାଗଲେ ତାହା ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥାଏ। ମାତ୍ର ଏହାକୁ ଖାତିର ନକରି ସରକାରୀସ୍ତରରେ ମିଛ ପ୍ରଚାର ଜାରି ରହିଛି। ଅନ୍ୟପକ୍ଷରେ ଅଲମ୍ପିକ କ୍ରୀଡ଼ାର ଆନୁଷ୍ଠାନିକ ୱେବସାଇଟ୍ 'ଅଲମ୍ପିକ୍ସ ଡଟ୍ କମ୍ 'ରେ ପ୍ରକାଶିତ ରିପୋର୍ଟ ଅନୁସାରେ, ପାକିସ୍ତାନର ଲାହୋରସ୍ଥିତ ନ୍ୟାସନାଲ ହକି ଷ୍ଟାଡ଼ିୟମ ହେଉଛି ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡ଼ିୟମ। ଯାହାର ଦର୍ଶକ କ୍ଷମତା ୪୫ହଜାର। ଏହା ଗଦାଫି ହକି ଷ୍ଟାଡ଼ିୟମ ଭାବେ ପରିଚିତ ତଥା ୧୯୮୨ ମସିହାରେ ଏହାର ଲୋକାର୍ପଣ ହୋଇଥିଲା। ସେହିପରି ୧୯୬୦ ମସିହାରେ ଚଣ୍ଡିଗଡ଼ ହକି ଷ୍ଟାଡ଼ିୟମର ନିର୍ମାଣ ହୋଇଥିଲା। ଏହା ଭାରତର ସର୍ବବୃହତ୍ ହକି ଷ୍ଟାଡ଼ିୟମ ତଥା ଏହାର ଦର୍ଶକ କ୍ଷମତା ୩୦ହଜାର। ଏହି ହକି ଷ୍ଟାଡ଼ିୟମ କମ୍ପ୍ଲେକ୍ସ ୪୦ଏକରରୁ ଅଧିକ ପରିମିତ ଜାଗାରେ ଅବସ୍ଥାପିତ। ଏହି ହକି ଷ୍ଟାଡ଼ିୟମରେ ବକ୍ସିଂ, କବାଡ଼ି, ହ୍ୟାଣ୍ଡବଲ୍, ଜୁଡ଼ୋ, ଭାରଉତ୍ତୋଳନ ସୁବିଧା ମଧ୍ୟ ରହିଛି। ସର୍ବଭାରତୀୟସ୍ତରର ହକି ମ୍ୟାଚଗୁଡ଼ିକର ଆୟୋଜନ ମଧ୍ୟ ଏଠାରେ ହୋଇଥାଏ। କାଲିଫର୍ଣ୍ଣିଆର ଲସଏଞ୍ଜେଲସ୍ ସହରରେ ୱିନଗାର୍ଟ ଷ୍ଟାଡ଼ିୟମ ରହିଛି, ଯାହାର ଦର୍ଶକ କ୍ଷମତା ୨୨,୩୫୫। ଏହା ପୂର୍ବରୁ ଇଷ୍ଟ ଲସଏଞ୍ଜେଲସ୍ କଲେଜ ଷ୍ଟାଡ଼ିୟମ ବୋଲି ପରିଚିତ ଥିଲା। କିନ୍ତୁ ୧୯୮୪ ମସିହା ଅଲମ୍ପିକ୍ସ ପୁରୁଷ ଓ ମହିଳା ହକି ମ୍ୟାଚ ଏଠାରେ ଖେଳାଯାଇଥିଲା। ପାକିସ୍ତାନକୁ ଏଠାରେ ପୁରୁଷ ହକିରେ ସ୍ୱର୍ଣ୍ଣ ଜିତିବାର ସୁଯୋଗ ମିଳିଥିଲା। ଏବେ ରାଉରକେଲାରେ ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡ଼ିୟମ ଲୋକାର୍ପିତ ହୋଇଛି। ଯାହାର ଦର୍ଶକ କ୍ଷମତା ୨୦ହଜାର। ବିଶ୍ୱକପ୍ ହକି ମ୍ୟାଚ ପାଇଁ ଏହା ପ୍ରସ୍ତୁତ କରାଯାଇଛି। ବିପିୟୁଟିର ୧୫ଏକର ପରିମିତ ଜମିରେ ଅବସ୍ଥିତ। ଏହି ଷ୍ଟାଡ଼ିୟମ ପରିସରରେ ସୁଇମିଂ ପୁଲ, ଫିଟନେସ ସେଣ୍ଟର, ଡ୍ରେସିଂ ରୁମ୍ ଓ ପ୍ରାକ୍ଟିସ ପିଚ୍ ସହ ଖେଳାଳୀଙ୍କ ରହିବା ପାଇଁ ୨୨୫ଟି ରୁମ୍ ମଧ୍ୟ ରହିଛି।

### ଉପକୃତ ହେବେ ...

ଗ୍ରାମାଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତି କାର୍ଯ୍ୟକ୍ରମକୁ ଏହା ଆହୁରି ସୁଦୃଢ଼ କରିବା ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଗ୍ରାମାଞ୍ଚଳରେ ବିଶେଷକରି ମହିଳାମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏଥିପାଇଁ ଗତ ୬ ବର୍ଷ ଧରି ଏହା ରାଜ୍ୟ ସରକାରଙ୍କ ଠାରୁ ଏକ୍ସଲାନ୍ସ ଆୱାର୍ଡ ମଧ୍ୟ ପାଇଛି। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଲେ ଯେ ରାଜ୍ୟରେ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ହାରାହାରି ଋଣ ପରିମାଣ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଉଦ୍ୟମ ଜାରି ରହିଛି। ଏଥିପାଇଁ ବ୍ୟାଙ୍କମାନେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଗତ କିଛି ବର୍ଷ ଧରି ଲକ୍ଷ୍ୟ ଠାରୁ ଅଧିକ ଋଣ ଉପଲବ୍ଧ ହୋଇପାରୁଛି ବୋଲି ସେ କହିଥିଲେ। ଏଥିରେ ଗ୍ରାମ୍ୟ ବ୍ୟାଙ୍କର ଭୂମିକାକୁ ସେ ପ୍ରଶଂସା କରିଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ପାଇଁ ଆଜି ମିଶନ ଶକ୍ତି ଏକ ମହାଦ୍ରୁମରେ ପରିଣତ ହୋଇପାରିଛି। ମିଶନ ଶକ୍ତିର ମା ମାନେ ଋଣ ପରିଶୋଧ କ୍ଷେତ୍ରରେ ବହୁତ ଆଗରେ ଅଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଭାଗ ନେଇ ମିଶନ ଶକ୍ତି ବିଭାଗର କମିଶନର-ତଥା-ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟନ କହିଲେ ଯେ ମିଶନ ଶକ୍ତି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ବିଭିନ୍ନ କ୍ଷେତ୍ରରେ ଯୋଗଦାନ ରଖି ମା ମାନେ ନିଜର ଉପସ୍ଥିତି ଓ ମର୍ଯ୍ୟଦା ଜାହିର କରିବେ। ଏ କ୍ଷେତ୍ରରେ ଆଜି ଆମେ ଅନେକ ପରିମାଣରେ ସଫଳ ହୋଇଛୁ ବୋଲି ସେ କହିଥିଲେ। ସେ କହିଥିଲେ ଯେ ଦିନ ଥିଲା ମା ମାନେ ବ୍ୟାଙ୍କ କଣ ଜାଣି ନ ଥିଲେ। ବ୍ୟାଙ୍କକୁ ଯିବାକୁ ଡରୁ ଥିଲେ। କାରଣ ଏହା ଥିଲା ପୁରୁଷ ମାନଙ୍କ କ୍ଷେତ୍ର। ଆଜି ବ୍ୟାଙ୍କ ମାନେ ଗାଁ ଗାଁ, ଘର ଘର ବୁଲି ମା ମାନଙ୍କୁ ଋଣ ଦେଉଛନ୍ତି। ଏହା ହେଉଛି ରୂପାନ୍ତର ବୋଲି ସେ କହିଥିଲେ। ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଗୋଷ୍ଠୀକୁ ବ୍ୟାଙ୍କର ମାନଙ୍କ ଋଣ ପ୍ରଦାନ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା କରନ୍ତି । ସେହିପରି ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗ କରିବାରେ ଓଡିଶା ପ୍ରଥମ ରାଜ୍ୟ। ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ମା ମାନଙ୍କୁ ୫ ବର୍ଷରେ ୫୦,୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯିବ ଓ ୧୨୦୦ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ ଶ୍ରୀ ମୋହନ ଏମ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜେନେରାଲ ମ୍ୟାନେଜର ବସନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମାର୍ଚ୍ଚ ୧୦ରୁ ...

୫ଲକ୍ଷ ୪୩ ହଜାର ଛାତ୍ରାଛାତ୍ରୀ ଏଥର ମାଟ୍ରିକ୍ ପରୀକ୍ଷା ଦେବେ। ୩୦୨୯ଟି କେନ୍ଦ୍ରରେ ପରୀକ୍ଷା ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।ପ୍ରଶ୍ନପତ୍ରର ପାଟର୍ନ ସମ୍ମେଟିଭ ୧ ଭଳି ରହିବ। ଏନେଇ ବୋର୍ଡ ୱେବ୍ ସାଇଟରେ ବିସ୍ତୃତ ତଥ୍ୟ ଉପଲବ୍ଧ ଅଛି। ସମ୍ମେଟିଭ ୧ରେ ହୋଇଥିବା ପରୀକ୍ଷା କେନ୍ଦ୍ର ଓ ନୋଡାଲ ସେଣ୍ଟର୍ ସମ୍ମେଟିଭ ୨ ରେ ମଧ୍ୟ ରହିବ। ଏଥିରେ କୌଣସି ପରିବର୍ତ୍ତନ ହେବ ନାହିଁ। ସମ୍ମେଟିଭ ୧ ଯେତେ ସଂଖ୍ୟକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ସେତିକି ସଂଖ୍ୟକ ପରୀକ୍ଷାର୍ଥୀ ସମ୍ମେଟିଭ ୨ ପରୀକ୍ଷା ଦେବେ। ଏନେଇ ବି ସୂଚନା ଦିଆଯାଇଛି। ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଫେବ୍ରୁଆରି ୨୦ରୁ ୨୫ ତାରିଖ ଯାଏ ନବମ ଶ୍ରେଣୀର ପରୀକ୍ଷା କରାଯିବା ଲାଗି ସ୍ଥିର ହୋଇଛି। ସେହି ମାସ ୨୨ରୁ ୨୮ ତାରିଖ ଯାଏ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାର ମୂଲ୍ୟାୟନ ଚାଲିବ। ସୂଚନାଯୋଗ୍ୟ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଅଧୀନ ଦଶମ ଛାତ୍ରଛାତ୍ରୀଙ୍କ ବୋର୍ଡ ପରୀକ୍ଷା ଫେବ୍ରୁଆରି ୧୫ରୁ ହେବ। କାଉନସିଲ୍ ଅଫ୍ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା(ସିଆଇଏସ୍‌ସିଇ) ଅଧୀନ ଦଶମ ପରୀକ୍ଷା ଫେବ୍ରୁଆରି ୨୭ରୁ। ମାତ୍ର ଓଡ଼ିଶାର ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ଅଧୀନରେ ପଢୁଥିବା ସାଢ଼େ ୫ ଲକ୍ଷ ଛାତ୍ରଛାତ୍ରୀଙ୍କ ପରୀକ୍ଷା କେବେ ହେବ ସେନେଇ ଚର୍ଚ୍ଚା ଚାଲିଥିଲା। ଶିକ୍ଷାବିତମାନେ ଆକଳନ କରୁଥିଲେ ଯେ ଫେବ୍ରୁଆରି ଶେଷ ସପ୍ତାହରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇପାରେ। ମାତ୍ର ସେନେଇ ଆଉ ଦ୍ୱନ୍ଦ୍ୱ ନାହିଁ।

### ୪-ଜି'ଠୁ ୧୦ ଗୁଣା ...

ବାଲେଶ୍ୱର, ଅନୁଗୁଳ, କୋରାପୁଟ, ଜୟପୁର ଓ ସମ୍ବଲପୁରରେ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ପ୍ରତିଷ୍ଠା କରାଯିବ। ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ସବୁ ଟେକ୍ନୋଲୋଜି ପାର୍କ କାର୍ଯ୍ୟକ୍ଷମ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ୫,୬୦୦ କୋଟିର ଟେଲିକମ୍ ପ୍ୟାକେଜ୍ ମଞ୍ଜୁର କରିଛନ୍ତି। ଓଡ଼ିଶାର ୭ ହଜାର ଗାଁକୁ ମୋବାଇଲ ସେବା ସଂଯୋଗ ହେବ। ଓଡ଼ିଶାରେ ୫-ଜି ଲ୍ୟାବ୍ ହେବା ପାଇଁ ଏମଓୟୁ ସ୍ୱାକ୍ଷର ହୋଇଛି ବୋଲି ସେ କହିଛନ୍ତି। ୫-ଜି ଦର ସଂପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୪-ଜି ଦର ସହ ୫-ଜି ଦର ପାଖାପାଖି ସମାନ ରହିବ। ସାରା ଦେଶରେ ୫-ଜି ଲାଗୁ ପାଇଁ ଅଢ଼େଇରୁ ୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ୫-ଜି ପାଇଁ ୯୦ ହଜାର ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ରାଜ୍ୟରେ ୫-ଜି ସେବା ଉଦଘାଟନ ଭିତରେ ଇଣ୍ଟରନେଟ କନେକ୍ଟିଭିଟିକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି ସାଂସଦ ଅମର ପଟ୍ଟନାୟକ। ସେ କହିଛନ୍ତି, ରାଜ୍ୟର ୨୫% ଲୋକଙ୍କ ପାଖରେ ଇଣ୍ଟରନେଟ ସୁବିଧା ନାହିଁ। ଏଭଳି ସ୍ଥିତିରେ ଓଡ଼ିଶାରେ ୫-ଜି କେବଳ ଏକ ଭେଳିକି। କେନ୍ଦ୍ରର ୫-ଜିକୁ ସ୍ୱାଗତ କରୁଛୁ। ହେଲେ ଏହା ପ୍ରଚାର ସର୍ବସ୍ୱ ହୋଇ ନ ରହୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# ମାର୍ଚ୍ଚ ମାସ ସୁଦ୍ଧା ଖୋଲିବ ମିଶନ୍ ଶକ୍ତି ବଜାର !

**ଭୁବନେଶ୍ୱର:** ରାଜଧାନୀବାସୀ ଗ୍ରାମୀଣ ସାମଗ୍ରୀ କ୍ରୟ କରିବାର ସୁବିଧା ପାଇପାରିବେ। ବର୍ଷ ତମାମ ବିକ୍ରିହେବ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ। ଏଥିପାଇଁ ଆରମ୍ଭ ହେବ ଖୋଲା ବଜାର। ମହିଳାଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ଫଳରେ ସ୍ୱତନ୍ତ୍ର ବ୍ରାଣ୍ଡିଂ ହୋଇପାରିବ। ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ ହେବା ପାଇଁ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି। ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ମହିଳାମାନେ ଏବେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶିତ କରିପାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ଓ ଓର୍ମାସ୍ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କ ହାତରେ ଗୁରୁଦାୟିତ୍ୱ ଦେଇଛନ୍ତି। ଏଥିପାଇଁ ପ୍ରସ୍ତୁତି ଜାରି ରହିଛି। ଓରମାସ୍ ପରିସରରେ ଏକ ମିଶନ୍ ଶକ୍ତି ବଜାର କାମ ଚାଲିଥିବାବେଳେ ଏହି ବଜାରକୁ ନେଇ ଏବେ ସମୀକ୍ଷା ବୈଠକ ମଧ୍ୟ କରାଯାଇଛି। ଏଥର ମହିଳା ଏସ୍‌ଏଚ୍‌ଜିଙ୍କ ପ୍ରସ୍ତୁତ ସାମଗ୍ରୀକୁ ମିଶନ ଶକ୍ତି ଓ ଓର୍ମାସ୍ ପ୍ୟାକେଜିଂ ଓ ବ୍ରାଣ୍ଡିଂରେ ବିକ୍ରି କରାଯିବ। ଏଥିପାଇଁ ମାତୃଶକ୍ତି ପ୍ରଡ୍ୟୁସର୍ କମ୍ପାନୀରେ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରି କରାଯିବ। ସେହି କମ୍ପାନୀରେ ମାର୍କେଟିଂ ପାଇଁ ବିଭିନ୍ନ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ମିଶନ ଶକ୍ତି ବଜାରର ପରିଚାଳନା କରିବେ। ଏଥିରେ ଏକାଥରରେ ପ୍ରାୟ ୨୫ଟି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ବିକ୍ରି କରାଯାଇପାରିବ। ଏଥିପାଇଁ ମିଶନ ଶକ୍ତି, ଓର୍ମାସ ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ନିଆଯାଉଛି ପଦକ୍ଷେପ। ଖୋର୍ଦ୍ଧା ଜିଲ୍ଲାର ୧୩ଟି ବ୍ଲକର ବ୍ଲକସ୍ତରୀୟ ଫେଡେରେସନ୍ ବା ମହାସଂଘଙ୍କୁ ଚୟନ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ଅଧୀନରେ ୧୦ଟି ବ୍ଲକ ଓ ଭୁବନେଶ୍ୱରର ୩ଟି ଜୋନ୍‌ରେ ଥିବା ମହିଳା ମହାସଂଘର କର୍ମକର୍ତ୍ତା ଏସ୍‌ଏଚ୍ଜି ମିଶନ ଶକ୍ତି ବଜାରର ସମସ୍ତ ଦାୟିତ୍ୱ ସମ୍ଭାଳିବେ। ମହିଳା ଏସ୍‌ଏଚଜିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ପିଠା, ହଳଦୀ, ବଡ଼ି, ପାମ୍ପଡ଼, ସବାଇ ହସ୍ତଶିଳ୍ପ, ଝୋଟ ସାମଗ୍ରୀ ସମେତ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ଆଦିର ବିକ୍ରି ପାଇଁ ବର୍ଷତମାମ ସୁବିଧାସୁଯୋଗ ପାଇପାରିବେ। ଏହାସହିତ ଗ୍ରାମାଞ୍ଚଳର ସାମଗ୍ରୀକୁ ସହଜ ଉପାୟରେ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରାଯାଇ ବିକ୍ରି କରାଯିବ। ଏଥିପାଇଁ ମିଶନ ଶକ୍ତି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଥିବା ବେଳେ ମା'ମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା ଓ ମାର୍କେଟ ଲିଙ୍କେଜ୍ ପାଇଁ ଓଡ଼ିଶା ଜୀବିକା ମିଶନ ଓ ଓର୍ମାସ ପକ୍ଷରୁ ସହଯୋଗ ଯୋଗାଇ ଦିଆଯିବ। ଏହାସହିତ ଏହି ବଜାରରେ ଏସ୍‌ଏଚ୍ଜିଙ୍କ ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ କରାଯିବ। ଯେକୌଣସି ସମୟରେ ଗ୍ରାହକମାନେ 'ମିଶନ ଶକ୍ତି ବଜାର' ଯାଇ ମହିଳାମାନଙ୍କ ହାତତିଆରି ସାମଗ୍ରୀ ଦେଖିବା ସହ କିଣିପାରିବେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନ ପରିସରରେ ଏହି ମିଶନ ଶକ୍ତି ବଜାର କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଖୁବ୍‌ଶୀଘ୍ର ଏହି ବଜାର କାମ ଶେଷ ହେବାପରେ ବିକ୍ରିବଟାର ବ୍ୟବସ୍ଥା କରାଯିବ। ମାର୍ଚ୍ଚ ମାସ ସୁଦ୍ଧା ଅର୍ଥାତ୍ ମହିଳା ଦିବସରେ ମିଶନ ଶକ୍ତି ବଜାର ଆରମ୍ଭ ହେବା ନେଇ ଆକଳନ କରାଯାଉଛି। ସହଜ ଓ ସରଳ ଉପାୟରେ ବିକ୍ରିବଟା କରିବା ପାଇଁ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ମାର୍କେଟିଂ ସୁବିଧା ପାଇଁ ସହଯୋଗ ଯୋଗାଇଦିଆଯିବ। ବୋର୍ଡର ସଦସ୍ୟାମାନେ ବିଭିନ୍ନ ଜିଲ୍ଲାର ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକ୍ରିବଟା ନେଇ ନିଷ୍ପତ୍ତି ନେବେ। ଉତ୍ପାଦକ ଗୋଷ୍ଠୀମାନ କରାଯାଇ ବିକ୍ରିବଟା ପରେ ଲାଭାଂଶ ସିଧାସଳଖ ଏସ୍‌ଏଚ୍ଜିଗୁଡ଼ିକ ନିକଟକୁ ଯିବ। ଏଥିପାଇଁ ନିକଟରେ ମିଶନ୍ ଶକ୍ତି, ଓର୍ମାସ୍, ନିର୍ମାଣ ବିଭାଗ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକ କରିବା ସହ ବଜାର ଖୋଲିବା ନେଇ ନକ୍ସା ପ୍ରସ୍ତୁତ କରିଛନ୍ତି। ଦ୍ରୁତଗତିରେ ମିଶନଶକ୍ତି ବଜାର କାମ ଶେଷ କରିବା ଓ ଗ୍ରାମୀଣ ସାମଗ୍ରୀ ଆସି ସହରବାସୀଙ୍କ ପାଖରେ କିଭଳିଭାବେ ପହଞ୍ଚିପାରିବ, ଏ ନେଇ ଆଲୋଚନା ହୋଇଛି।

# ନାଉଗାଁ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



**ଜଗତ୍‌ସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠ ନାଉଗାଁ ବ୍ଲକର ଜ୍ୟୋତି ଫେଡ୍ରେସନ୍‌ର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ମୋଟ ୭୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୪୦ଟି ଅଭିଯୋଗର ତତ୍କାଳ ଫଇସଲା ଜିଲ୍ଲାପାଳ କରିଥିଲେ। ଆବାସ ଯୋଜନା ନିମନ୍ତେ ୭ଟି, ଜମିଜମା ସମସ୍ୟା ସମ୍ପର୍କିତ ୬ଟି, ରାସନକାର୍ଡ ସମସ୍ୟା ସମ୍ପର୍କିତ ୨ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ଟି ଓ ଅନ୍ୟାନ୍ୟ ସମସ୍ୟା ୧୨ଟି ଅଭିଯୋଗର ଶୁଣାଣି କରାଯାଇ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ କହିଥିଲେ। ଏହି ଜନଶୁଣାଣି ଅଭିଯୋଗ ଶିବିରରେ ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସିଂହ, ବିଡିଓ ରଶ୍ମୀରେଖା ମଲ୍ଲିକ, ତହସିଲଦାର ଜେ କଳ୍ପନା ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀମାନେ ଅଂଶଗ୍ରହଣ କରିଥିବା ବେଳେ ଅଭିଯୋଗ ପ୍ରକୋଷ୍ଠ ଅଧିକାରିଣୀ ବିଜୟ ଲକ୍ଷ୍ମୀ ନାୟକ ପରିଚାଳନା କରିଥିଲେ।

# ପାଣି ପଞ୍ଚାୟତ ପକ୍ଷପାଳନ ନିମନ୍ତେ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ




**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜଳସମ୍ପଦ ବିଭାଗ ପକ୍ଷରୁ ପାଣି ପଂଚାୟତ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଗତ ୨ବର୍ଷ ହେବ କୋଭିଡ କଟକଣା ଯୋଗୁଁ ପାଣି ପଂଚାୟତ ପକ୍ଷ ପାଳନ ହୋଇପାରୁନଥିବା ବେଳେ ଚଳିତ ବର୍ଷ ଫେବୃୟାରୀ ମାସରେ ୧ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗରେ ପାଣି ପଂଚାୟତ ପକ୍ଷ ପାଳନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ ଜଳସମ୍ପଦକୁ ନେଇ ଆମ ଜିଲ୍ଲା ବହୁତ ଗୁରୁତ୍ୱପୂର୍ଣ୍ଣ ଓ ଜିଲ୍ଲାରେ ଅଧିକରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଆମ ଜିଲ୍ଲାରେ ମେନ୍ କେନାଲ ତାଳଦଣ୍ଡା, ମାଛ ଗାଁ, ଡିଷ୍ଟ୍ରି ବ୍ୟୁଟାରୀ, ମାଇନର, ସବମାଇନର କେନାଲ ମାନ ରହିଅଛି। ଆଜିର ଏହି ବୈଠକରେ ଜିଲ୍ଲାର ସମସ୍ତ ବ୍ଲକରୁ ପାଣି ପଂଚାୟତର ସଭାପତି, ସମ୍ପାଦକ, କ୍ୟାସିୟର ଏବଂ ଜଳସେଚନ ବିଭାଗର ସମସ୍ତ ଅଧିକାରୀ ଏଠାରେ ଉପସ୍ଥିତ ଥିଲେ। ଏହି ବୈଠକରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ଶତ୍‌ପଥୀ ଯୋଗଦେଇ ଆସନ୍ତା ଫେବୃୟାରୀ ୧ତାରିଖରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଦ୍ୱାରା ପାଣି ପଂଚାୟତ ରଥର ଶୁଭ ଉଦ୍‌ଘାଟନ କରାଯିବ। ଏହି ରଥଟି ଜିଲ୍ଲାର ସବୁ ଅଂଚଳ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇବା ଓ ପାଣି ପଞ୍ଚାୟତ ପକ୍ଷର ମୁଖ୍ୟ ଉତ୍ସବ ଫେବୃୟାରୀ ୮ତାରିଖରେ ଜଗତସିଂହପୁର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। କୃଷି, ପଶୁପାଳନ ଓ ପଶୁ ଚିକିତ୍ସା, ଜଙ୍ଗଲ, ମୃତିକା ସଂରକ୍ଷଣ, କୃଷି ଏବଂ ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ(ନାବାର୍ଡ), ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି), ମତ୍ସ୍ୟ, ଉଦ୍ୟାନ, ଉଠା ଜଳସେଚନ ଓ ଗବେଷଣା ରତ ଅନୁଷ୍ଠାନ ମାନଙ୍କ ଦ୍ୱାରା ପାଣି ପଂଚାୟତ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକଳାପର ପ୍ରଦର୍ଶନୀ ଆୟୋଜନ କରାଯିବ। ଜିଲ୍ଲାର ସମସ୍ତ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ମାନ, ବିଭାଜନ ସ୍ତରୀୟ ଓ ଜିଲ୍ଲା ସ୍ତରରେ ଆୟୋଜିତ ହୋଇ ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରମାଣପତ୍ର ପ୍ରଦାନ କରାଯିବ। ଜିଲ୍ଲା ଶିକ୍ଷା ଅଧିକାରୀ ଏହି ପ୍ରତିଯୋଗିତା ଆୟୋଜନ କରାଇବେ। ଏହି ବୈଠକରେ ମହାନଦୀ ସାଉଥ୍ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତି ଯୋଗଦେଇ କହିଥିଲେ ସାଉଥ୍ ଡିଭିଜନ୍ ଅଂଚଳରେ ୭୩ଗୋଟି ପାଣି ପଂଚାୟତ ରହିଛି। ଏହି ପାଣି ପଂଚାୟତର କର୍ମକର୍ତ୍ତାମାନେ ଜଳସେଚନ ଓ କେନାଲ ସଫେଇରେ ସାହାଯ୍ୟ କରୁଛନ୍ତି। ଏହି ବୈଠକରେ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପବିତ୍ର ପରିଡା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଯୋଗଦେଇ କହିଥିଲେ ଯେ ଆସନ୍ତା ଜାନୁୟାରୀ ୧୫ ରୁ ୨୧ ତାରିଖ ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଜିଲ୍ଲା ମହୋତ୍ସବ କଲ୍ଲୋଳ କୃଷି ବିଭାଗ ପକ୍ଷରୁ କୃଷି ଯନ୍ତ୍ରପାତି ମେଳା ମଧ୍ୟ ଅନୁଷ୍ଠିତ ହେବ। ଏହି ମେଳାରେ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ବିକ୍ରୟ କରାଯିବା ସହିତ ଜିଲ୍ଲାର ସମସ୍ତ ଚାଷୀ, ଭଉଣୀ ଭାଇମାନେ ଅଧିକ ସଂଖ୍ୟାରେ ଯୋଗଦେଇ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି କ୍ରୟ କରିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ବିରକିଶୋର ପରିଡା, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ ବିଭାଗ ଓ ପାଣି ପଞ୍ଚାୟତର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିଙ୍କୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ୍ୟ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ! ପକ୍ଷୀ ଦୁଇଟିଙ୍କୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ! ମୁଁ କ'ଣ କରିପାରିବି? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧ୍ୟରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକ ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ୍ୟ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍‌ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।







*ସହ-ପ୍ରତିରକ୍ଷିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଚୁକ୍ତିଭିତ୍ତିକ ଡାକ୍ତରୀ ଶିକ୍ଷକଙ୍କ ବେତନ ବୃଦ୍ଧି



**ଭୁବନେଶ୍ୱର :** ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକାଶ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସରକାରୀ ମେଡିକାଲ କଲେଜରେ ଠିକାରେ କାର୍ଯ୍ୟରତ ଡାକ୍ତରୀ ଅଧ୍ୟାପକଙ୍କ ପାଉଣା ବୃଦ୍ଧି କରାଯାଇଛି। ପ୍ରଫେସର ମାନଙ୍କ ମାସିକ ପାରିଶ୍ରମିକ ୧.୨୫ ଲକ୍ଷ ଟଙ୍କାରୁ ୨.୩୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ସହଯୋଗୀ ପ୍ରଫେସରଙ୍କ ପାରିଶ୍ରମିକ ୧ ଲକ୍ଷରୁ ୨ ଲକ୍ଷ ଟଙ୍କା ଓ ସହକାରୀ ପ୍ରଫେସରଙ୍କ ଦରମା ୭୫ ହଜାର ଟଙ୍କାରୁ ୧.୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହ ସମସ୍ତ ଠିକା ଅଧ୍ୟାପକଙ୍କ ପାଉଣା ପ୍ରତି ବର୍ଷ ୫% ହାରରେ ବୃଦ୍ଧି ପାଇବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ଉଭୟ ଠିକା ଓ ସ୍ଥାୟୀ ନିଯୁକ୍ତି ପାଇଥିବା ଡାକ୍ତରୀ ପ୍ରାଧ୍ୟାପକ, ସହକାରୀ ପ୍ରାଧ୍ୟାପକ ଏବଂ ସହଯୋଗୀ ପ୍ରାଧ୍ୟାପକଙ୍କ ପ୍ରୋତ୍ସାହନ ଭତ୍ତା ମଧ୍ୟ ବୃଦ୍ଧି କରାଯାଇଛି। ତେବେ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ମେଡିକାଲ କଲେଜ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପ୍ରୋତ୍ସାହନ ଭତ୍ତାକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଜୋନ୍ ଏ'ରେ ଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ପ୍ରଫେସରଙ୍କୁ ୧,୫୦,୦୦୦ ଟଙ୍କା, ଆସୋସିଏଟ୍ ପ୍ରଫେସରଙ୍କୁ ୧,୨୫,୦୦୦ ଏବଂ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ୭୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ସେହିପରି ଜୋନ୍ ବି'ରେ ଥିବା କେନ୍ଦୁଝର, ବୌଦ୍ଧ, ବାଲେଶ୍ୱର, ଗଜପତି, ସୋନପୁର, ଦେବଗଡ଼, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୁଳ, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ଥିବା ମେଡିକାଲରେ କାର୍ଯ୍ୟରତ ପ୍ରଫେସରଙ୍କୁ ୭୦,୦୦୦ ଟଙ୍କା, ଆସୋସିଏଟ୍ ପ୍ରଫେସରଙ୍କୁ ୫୦,୦୦୦ ଏବଂ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ୩୦ ହଜାର ଟଙ୍କା ମିଳିବ। ଅପରପକ୍ଷେ ଜୋନ୍ ସି'ରେ ଥିବା ଢେଙ୍କାନାଳ, ପୁରୀ, ନୟାଗଡ଼, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ଜଗତସିଂହପୁରରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ଯଥାକ୍ରମେ ୫୦ ହଜାର, ୩୫ ହଜାର ଏବଂ ୨୦ ହଜାର ଟଙ୍କା ମିଳିବ। ମାସିକ ଦରମା ଓ ପାରିଶ୍ରମିକ ବ୍ୟତୀତ ଉପରୋକ୍ତ ରାଶି ଅତିରିକ୍ତ ଭାବେ ପ୍ରଦାନ କରାଯିବ। ଆଗାମୀ ଦିନରେ ଏସବୁ ଜିଲ୍ଲାରେ ପ୍ରତିଷ୍ଠା ହେବାକୁ ଥିବା ମେଡିକାଲ କଲେଜର ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପାଇଁ ଏହି ଭତ୍ତା ମିଳିବ। ତେବେ ସମ୍ପୃକ୍ତ ଶିକ୍ଷକ/ଶିକ୍ଷୟତ୍ରୀ ନିୟମିତ ଭାବେ କାର୍ଯ୍ୟକୁ ଆସୁଛନ୍ତି ନାହିଁ ତାହା ତଦାରଖ କରାଯିବ। ସେଥିପାଇଁ ସିସିଟିଭି, ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଗାନ୍ଧୀଜୀଙ୍କ ଜୀବନରେ ଓଡ଼ିଶାର ଅବଦାନ ବହୁତ : ରାଜ୍ୟପାଳ




**ଭୁବନେଶ୍ୱର :** ମହାତ୍ମା ଗାନ୍ଧୀଙ୍କ ଜୀବନ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା କ୍ଷେତ୍ରରେ ଓଡିଶାର ପ୍ରମୁଖ ଅବଦାନ ରହିଥିଲା। ଅଧ୍ୟାତ୍ମିକତା ଠାରୁ ଆରମ୍ଭ କରି ରାଜନୈତିକ କ୍ଷେତ୍ର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ଅନବଦ୍ୟ ଅବଦାନ ରହିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ କହିଥିଲେ। ଜୟଦେବ ଭବନରେ ଅନୁଷ୍ଠିତ ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ପୂଣ୍ୟତିଥି ଅବସରରେ ଆୟୋଜିତ ତ୍ରୟୋଦଶ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ ଭାରତକୁ ସ୍ୱାଧୀନ କରିବା ସହ ବିଭିନ୍ନ କ୍ଷେତ୍ରରେ କ୍ରାନ୍ତି ଆଣିବାପାଇଁ ଯେଉଁ ମହାପୁରୁଷମାନେ ଅବଦାନ ଦେଇ ଯାଇଛନ୍ତି ସେମାନଙ୍କ ଜୀବନ ଶୃଙ୍ଖଳା, ନୈତିକତା ଓ ଅଧ୍ୟାତ୍ମିକ ଭିତ୍ତିଭୂମିରେ ବିକଶିତ ହୋଇଥିଲା। ଗାନ୍ଧୀଙ୍କ ଠାରୁ ଆରମ୍ଭ କରି ରାଜ କିଶୋର ନାୟକଙ୍କ ପର୍ଯ୍ୟନ୍ତ ତ୍ୟାଗୀ ପୁରୁଷମାନଙ୍କ ଜୀବନୀ ବିଶ୍ଲେଷଣ କଲେ ଏହା ଜଣାପଡ଼େ। ଭାରତ ଭୂମି ଭୋଗର ନୁହେଁ, ଏହା ତ୍ୟାଗ ଓ ସେବାର ବୋଲି ଆମ ଦେଶର ସଂଗ୍ରାମୀମାନେ ବାରମ୍ବାରା ଚେତାଇ ଦେଇ ଯାଇଛନ୍ତି। ଏହାକୁ ଆଦର୍ଶ ଭାବେ ରଖି ବର୍ତ୍ତମାନର ପୀଢି ଆଗେଇଲେ ଦେଶର ଅଭୂତପୂର୍ବ ବିକାଶ ହୋଇପାରିବ। ଭାରତ ଏବେ ପଛରେ ନାହିଁ। ବିଶ୍ୱର ନେତୃତ୍ୱ ନେଉଛି। ଏ ପରିପ୍ରେକ୍ଷୀରେ ବିକାଶର ଧାରା ଠାରୁ ପଛରେ ରହିଥିବା ବ୍ୟକ୍ତି ବିଶେଷଙ୍କୁ ଆଗକୁ ଆଣିବା କ୍ଷେତ୍ରରେ ସମସ୍ତଙ୍କର ସକ୍ରିୟ ସହଯୋଗ ଆବଶ୍ୟକ। ଏହି ଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ମହାତ୍ମା ଗାନ୍ଧୀଙ୍କର ଜୀବନର ବିଶ୍ଲେଷଣ କରି କହିଥିଲେ ଯେ, ଭାରତୀୟମାନଙ୍କ ମଧ୍ୟରେ ସୁପ୍ତ ସିଂହର ଶକ୍ତି ଜାଗ୍ରତ କରିବା ଲାଗି ଗାନ୍ଧୀଜୀ ତିନିଟି ଉପାୟ ଅବଲମ୍ବନ କରିଥିଲେ। ତାହା ହେଉଛି ସତ୍ୟ, ଅହିଂସା ଓ ନିର୍ଭିକତା। ଏବେ ଆମ ସମାଜ ବ୍ୟବସ୍ଥା ଯେତେସବୁ ସମସ୍ୟାର ସମ୍ମୁଖୀନ ହେଉଛି ତାହାର ସରଳ ଉପଚାର ଗାନ୍ଧୀଜୀଙ୍କ ସତ୍ୟାଗ୍ରହ ଓ ତାଙ୍କ ପ୍ରଦର୍ଶିତ ନିର୍ଭିକତାରେ ରହିଛି। ଗାନ୍ଧୀଜୀଙ୍କ ବିଚାରଧାରା କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱକୁ ପରିବ୍ୟାପ୍ତ ହୋଇଛି ଏବଂ ମଣିଷ ସମାଜ ଯେତେସବୁ ସମସ୍ୟାର ସମ୍ମୁଖୀନ ହେଉଛି ସେସବୁର ଉପଚାର ଗାନ୍ଧୀ ବିଚାରରେ ରହିଛି। ଆମ ଗଣତନ୍ତ୍ରର ତିନିଟି ଯାକ ସ୍ତମ୍ଭ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ମାର୍ଗକୁ ଠିକଣା ଭାବେ ଅନୁଶୀଳନ କରି ଶୃଙ୍ଖଳା ଓ ସଂଯମତାର ସହ ଆଗକୁ ବଢିବା ସଂଗେ ସଂଗେ ଲୋକଙ୍କ ମନରେ ନିର୍ଭିକତାର ବାତାବରଣ ସୃଷ୍ଟିକଲେ ଦେଶରେ ନୂଆ କ୍ରାନ୍ତି ଆସିପାରିବ ବୋଲି ଜଷ୍ଟିସ ମିଶ୍ର ଉଲ୍ଲେଖ କରିଛନ୍ତି। ଜେଜେ ବାପା ପଣ୍ଡିତ ଗୋଦାବରିଶ ମିଶ୍ରଙ୍କ ନିମନ୍ତ୍ରଣ କ୍ରମେ ଗାନ୍ଧୀଜୀ ବାଣପୁର ଆସି ତାଙ୍କ ଘରେ ରାତ୍ରୀଯାପନ କରିବା କଥା ଉଲ୍ଲେଖ କରିବା ସଂଗେ ସଂଗେ ଗାନ୍ଧୀଜୀ କେବଳ ରକ୍ତମାଂସ ଶରୀରଧାରୀ ଜଣେ ସାଧାରଣ ମଣିଷ ନୁହନ୍ତି, ଦୁର୍ଦ୍ଦିନରେ ପଡିଥିବା ଦେଶବାସୀଙ୍କ ପାଇଁ ଜଣେ ଅବତାରୀ ପୁରୁଷ ବୋଲି ଜଷ୍ଟିସ ମିଶ୍ର କହିଛନ୍ତି। ଗାନ୍ଧୀ ବିଚାରର ସର୍ବକାଳୀନ ପ୍ରାସଙ୍ଗିକତା ଶୀର୍ଷକ ଏହି ବକ୍ତୃତାମାଳାରେ ନିଜର ମତ ରଖି ପ୍ରଫେସର ସଂଘମିତ୍ରା ମିଶ୍ର ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ସହିତ ଯେଉଁ ସଂଗ୍ରାମୀମାନଙ୍କ ସାଧନା, ସେବା, ସଙ୍କଳ୍ପ, ସଂଘର୍ଷ ଫଳରେ ଆମେ କଷ୍ଟଲବ୍ଧ ସ୍ୱାଧୀନତାକୁ ଫେରିପାଇଛୁ ସେମାନଙ୍କ ପ୍ରତି ଜାତି ସବୁବେଳେ କୃତଜ୍ଞ ହୋଇ ରହିବ ବୋଲି ଉଲ୍ଲେଖ କରିଥିଲେ। ରାଜ କିଶୋର ନାୟକ ଜାତୀୟ ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରହଲାଦ ସିଂହ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ ଭଲ ମଣିଷ ହେବାପାଇଁ ଗାନ୍ଧୀଜୀ ଯେଉଁ ମାର୍ଗଦର୍ଶନ ଦେଇଯାଇଛନ୍ତି ତାହା ସବୁକାଳ ପାଇଁ ପ୍ରାସଙ୍ଗିକ। ସତର ସରଳରେଖା ଉପରେ ମଣିଷର ଚିନ୍ତା, କାମ ଓ କଥା ତିନିଟି ବିନ୍ଦୁ ହୋଇ ରହିପାରିଲେ ଜଣେ ସଚ୍ଚା ସତ୍ୟାଗ୍ରହୀ ହେବା ସହ ସମାଜରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ। ଗାନ୍ଧୀଙ୍କ ଠାରୁ ରାଜକିଶୋର ନାୟକଙ୍କ ପର୍ଯ୍ୟନ୍ତ କ୍ରାନ୍ତିକାମୀମାନେ ଏହା ବାରମ୍ବାର ପ୍ରମାଣିତ କରି ଯାଇଛନ୍ତି। ଫାଉଣ୍ଡେସନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ରାଜ କିଶୋର ନାୟକଙ୍କ ପତ୍ନୀ ନିର୍ମଳାପ୍ରଭା ନାୟକଙ୍କ ରଚିତ 'ସାୟାହ୍ନର ସ୍ମୃତି' ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏହି ପୁସ୍ତକ ବିକ୍ରିରୁ ଲବ୍ଧ ଅର୍ଥ ଅସୁରେଶ୍ୱର ସ୍ଥିତ ଗୋରକ୍ଷଣୀକୁ ପ୍ରଦାନ କରାଯିବ ବୋଲି ଉତ୍ସବରେ ଘୋଷଣା ହୋଇଥିଲା।

ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୯ - ୧୫ ଜାନୁଆରୀ, ୨୦୨୩





# ତୃଣମୂଳସ୍ତରରେ ସରକାରୀ ଯୋଜନା ପହଞ୍ଚିବା ଜରୁରୀ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଓଡ଼ିଶାର ସାମଗ୍ରିକ ବିକାଶ ହେଉଛି ରାଜ୍ୟ ସରକାରଙ୍କ ପ୍ରମୁଖ ଉଦ୍ଦେଶ୍ୟ। ଟିମ୍ ୱାର୍କ, ଟେକ୍ନୋଲୋଜି, ଟାଇମ୍, ଟ୍ରାନ୍ସପରେନ୍ସି, ଟ୍ରାନ୍ସଫରମେସନ ଆଦି '୫-ଟି' ଏହାର ପ୍ରମୁଖ ମାଧ୍ୟମ। ଏହାକୁ ଆଧାର କରି ଓଡ଼ିଶାର ଶାସନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଯାଇଛି। ଓଡ଼ିଶାରେ ନବ ରୂପାନ୍ତରଣ ସୃଷ୍ଟି ହୋଇଛି। ସାମଗ୍ରିକ ବିକାଶ ଉଦ୍ଦେଶ୍ୟକୁ ସୁନିଶ୍ଚିତିକରଣ କରାଯାଉଛି। ତେଣୁ ୫-ଟିକୁ ନିଜ କାର୍ଯ୍ୟକ୍ଷେତ୍ରରେ ସୁନିଶ୍ଚିତ କରିବା ଓ ଏହାର ସଫଳ କାର୍ଯ୍ୟାନ୍ୱୟନ କରି ରାଜ୍ୟ ଓ ରାଜ୍ୟବାସୀଙ୍କ ଉନ୍ନତିକଳ୍ପେ କାର୍ଯ୍ୟ କରିବାକୁ ନବନିଯୁକ୍ତ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସ୍ଥାନୀୟ ଲୋକସେବା ଭବନରେ ଅନୁଷ୍ଠିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୦ ବର୍ଷରେ ନିଯୁକ୍ତି ପାଇଥିବା ବିଭିନ୍ନ ବର୍ଗର ୩୭୮ଜଣ ଅଧିକାରୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ସମାଜର ଅନଗ୍ରସର ବର୍ଗ ଓ ସାଧାରଣ ଲୋକଙ୍କ ସେବା ପାଇଁ ସରକାରୀ ଚାକିରି ଏକ ସ୍ୱର୍ଣ୍ଣିମ ଅବସର। ଅଧିକାରୀଙ୍କ ଉପରେ ସାଧାରଣ ଲୋକଙ୍କ ଅନେକ ଆଶା ଓ ଭରସା ଥାଏ। ତେଣୁ ନିଷ୍ଠାର ସହ ସେମାନଙ୍କ ଆଶା ପୂରଣ ପାଇଁ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଯୁବ, ଦକ୍ଷ ଓ ବୈଷୟିକ କ୍ଷେତ୍ରରେ ଉତ୍କର୍ଷତା ରଖିଥିବା ଅଧିକାରୀଙ୍କ ଦ୍ୱାରା ନୂଆ ଓ ସଶକ୍ତ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖକରି କହିଛନ୍ତି ଯେ ଗଣତନ୍ତ୍ରରେ ସାଧାରଣ ଲୋକମାନେ ହେଉଛନ୍ତି ପ୍ରକୃତ ମାଲିକ, ସେମାନଙ୍କୁ ସର୍ବୋତ୍କୃଷ୍ଟ ସେବା ଯୋଗାଇବା ପାଇଁ ଆମେ ଏହି ସ୍ଥାନରେ ରହିଛନ୍ତି। ତେଣୁ ସେବା ପ୍ରତି ସର୍ବଦା ବ୍ରତୀ ହେବା ଆବଶ୍ୟକ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି




ଯେ, ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅଭିନବ ଯୋଜନା ଉତ୍କର୍ଷତା ହାସଲ କରିଛି। ବିପର୍ଯ୍ୟୟ ପରିଚାଳନା ଓ ଏ କ୍ଷେତ୍ରରେ ରାଜ୍ୟର ଭିତ୍ତିଭୂମି ବିକାଶ, ଓଡ଼ିଶାକୁ ଖାଦ୍ୟ ବଳକା ରାଜ୍ୟର ମାନ୍ୟତା, ବିଶ୍ୱର କ୍ରୀଡ଼ା ହବ୍ ଭାବେ ରାଜ୍ୟକୁ ପରିଣତ କରିବା, ଓଡ଼ିଶାରେ ନିବେଶ ପାଇଁ ଜାତୀୟ ତଥା ଅନ୍ତର୍ଜାତୀୟ ବିନିଯୋଗକାରୀଙ୍କୁ ଆକର୍ଷିତ କରିବା ଏବଂ ଭିତ୍ତିଭୂମି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ରୂପାନ୍ତରଣ ପ୍ରକ୍ରିୟା ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟର ମାନ୍ୟତା ଦେଇଛି। କଲ୍ୟାଣକାରୀ ମଡେଲରେ ରାଜ୍ୟ କାର୍ଯ୍ୟ କରୁଥିବାବେଳେ ସମାଜର ପ୍ରତ୍ୟେକ ବର୍ଗଙ୍କ ନିକଟରେ ସେବା ଓ ନ୍ୟାୟ ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ। ସର୍ବୋପରି ମହିଳାଙ୍କ ସଶକ୍ତିକରଣ ହିଁ ରାଜ୍ୟକୁ ପ୍ରକୃତ ପରିବର୍ତ୍ତନର ରୂପ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପେନ୍ସନ୍ ଅଦାଲତ ଏବଂ ପଦୋନ୍ନତି ଅଦାଲତର ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥାକୁ ଶୁଭାରମ୍ଭ କରିଛନ୍ତି। ଯାହାକି ପେନସନ୍ ଓ ପଦୋନ୍ନତି ସଂକ୍ରାନ୍ତ ସମସ୍ୟାଗୁଡ଼ିକର ସମାଧାନ କରିବାରେ ବିଶେଷ ସହାୟକ ହେବ। ଏହି ଅବସରରେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ଯେ ରାଜ୍ୟ ସରକାର ଓଡ଼ିଶାର ରୂପାନ୍ତରଣକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ତେଣୁ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ଆବଶ୍ୟକ। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କ ନିରନ୍ତର ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ମତ ରଖିବା ସହ ପ୍ରଶାସନିକ ସେବା କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରତିପାଦନ ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୪ ଜଣ ନବ ନିଯୁକ୍ତ ଅଧିକାରୀ କସ୍ତୁରୀ ପଣ୍ଡା, ଭାନୁମତୀ ସେଠୀ, ଅନିମା ସୋରେନ ଓ ସୌମ୍ୟ ରଞ୍ଜନ ଭୋଇ ନିଜର ଅନୁଭୂତି ମୁଖ୍ୟମନ୍ତ୍ରୀଙ୍କ ସହ ବାଣ୍ଟିଥିଲେ। କାର୍ଯ୍ୟକ୍ରମକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ ପରିଚାଳନା କରିବା ସହ ନିଯୁକ୍ତି ପାଇଥିବା ପ୍ରଶାସନିକ ଅଧିକାରୀଙ୍କୁ '୫-ଟି' ଓ ମୋ ସରକାର ଯୋଜନାର ସଫଳତା ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ଆଲୋଚନା କରିଥିଲେ। ଶ୍ରୀ ପାଣ୍ଡିଆନ୍ ଆହୁରି ମଧ୍ୟ କହିଥିଲେ ଯେ, 'ମୋ ସରକାର' ହେଉଛି ଏକ ମତାମତ ପ୍ରଣାଳୀ ଯେଉଁଠାରେ ସରକାର ଲୋକମାନଙ୍କୁ ଗଣତନ୍ତ୍ରର ପ୍ରକୃତ ଗୁରୁ ଭାବରେ ବିବେଚନା କରନ୍ତି। ଲୋକଙ୍କ ମତାମତକୁ ମୁଖ୍ୟମନ୍ତ୍ରୀ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଅନ୍ତି। ତେଣୁ ସେବା କ୍ଷେତ୍ରରେ ସର୍ବଦା ସ୍ୱଚ୍ଛତା ପନ୍ଥା ଅବଲମ୍ବନ ପାଇଁ ସେ ପରାମର୍ଶ ଦେଇଥିଲେ। ହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ସଚିବ ସୁରେନ୍ଦ୍ର କୁମାର ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଅର୍ଥ ବିଭାଗ ସଚିବ ବିଶାଳ ଦେବ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାରେ ପ୍ରଥମ ଧାନ ସଂଗ୍ରହ ନିମନ୍ତେ ତାରପୁରରେ ମଣ୍ଡି ଉଦ୍‌ଘାଟିତ

**ଜଗତସିଂହପୁର :** ଚଳିତ ବର୍ଷ ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁରଠାରେ ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ପ୍ରଥମ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଜିଲ୍ଲାର ୮ଗୋଟି ବ୍ଲକ ମଧ୍ୟରୁ ରଘୁନାଥପୁର ଏହି ଧାନମଣ୍ଡି ଉଦ୍‌ଘାଟନକୁ ନେଇ ବିଭିନ୍ନ ବ୍ଲକର ମିଲର ଓ ଜନସାଧାରଣ ମାନଙ୍କୁ ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ତାରପୁର ଠାରେ ଉଠାଇଥିବାର ବ୍ୟବସ୍ଥା ଥିବାରୁ ଜିଲ୍ଲାପାଳ ଏଠାକୁ ଆସି ଉଦ୍‌ଭାବନ କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ତାଲିମ ନିମନ୍ତେ ଚଳିତ ବର୍ଷ ପ୍ରାଥମିକ କୃଷି ସମବାୟ ସମିତିର ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ଧାନମଣ୍ଡିର ଉଦ୍‌ଘାଟନ ସମୟରେ ବହୁ ମହିଳାମାନେ ଅଂଶଗ୍ରହଣ କରି ଧାନ କିପରି ଗ୍ରହଣ କରାଯିବ ସମସ୍ତ ପ୍ରକାର ବ୍ୟବସ୍ଥା ବି କରିଥିଲେ। ଏହି ଧାନମଣ୍ଡିକୁ ଶାଳିଜଙ୍ଘାର ଶିବଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠି ପରିଚାଳନା କରୁଥିବା ବେଳେ ଏଥିରେ ତାରପୁର ପଂଚାୟତର ତାରପୁର, ହରିଶପୁର, ଅଚ୍ୟୁତପୁର, ଗୋକଳପୁର ଓ ଖଣ୍ଡତରିର ଧାନଚାଷୀମାନେ ସେମାନଙ୍କର ଧାନ ବିକ୍ରୟ କରି ପାରିବେ ବୋଲି ଜଣାଯାଇଛି। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୦୪୦ ଟଙ୍କା ଓ ଗ୍ରେଡ ଏ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୦୬୦ଟଙ୍କା ଧାର୍ଯ୍ୟ କରାଯାଇଛି। ଆଜି ଏହାର ଉଦଘାଟନି ଉତ୍ସବରେ ଜଗତସିଂହପୁର ଉପ ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଯୋଗଦେଇ ଚାଷିମାନେ ଭଲ ଧାନ ଏହି ବିକ୍ରୟକେନ୍ଦ୍ରକୁ ଆଣି ସେମାନଙ୍କର ସରକାରୀ ଧାର୍ଯ୍ୟ ଅନୁଯାୟୀ ଉଚିତ ପ୍ରାପ୍ୟ ପାଇ



ପାରିବେ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରଣୀ ସୁଜାତା ମିଶ୍ର କହିଥିଲେ ଯେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଥର ଜିଲ୍ଲାରେ ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀଙ୍କୁ ଧାନକ୍ରୟ ପକ୍ରିୟାରେ ସାମିଲ କରାଯାଇଛି। ଆପଣମାନେ ମହିଳା ସ୍ୱଂୟ ସହାୟିକା ଦଳକୁ ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହିତ ସୁରୁଖୁରୁରେ ଧାନଦେବାର ବ୍ୟବସ୍ଥା କରିବେ। ଏହି ଧାନ ମଣ୍ଡି ଉଦ୍‌ଘାଟିତ ସମୟରେ ରଘୁନାଥପୁର ବିଡିଓ ଲମ୍ବୋଦର ଖୁଣ୍ଟିଆ, ସମବାୟ ବିଭାଗ ଏଆରସିଏମ ଶିବ ପ୍ରସାଦ ମହାନ୍ତି, ଜିଲ୍ଲା ନିୟନ୍ତ୍ରୀତ ବଜାର କମିଟି ସଂପାଦକ ସୂର୍ଯ୍ୟକାନ୍ତ ଦାସ, ରଘୁନାଥପୁର ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂମ୍ପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ତାରପୁର ସରପଂଚ ସୁଷମା ମଲ୍ଲିକ, ସମିତି ସଭ୍ୟା ପୂଜାଲତା ଦାସ ପ୍ରମୁଖ ଯୋଗଦେଇ ଚାଷୀମାନେ କିଭଳି ସେମାନଙ୍କର ଉତ୍ପାଦିତ ଧାନ ସରକାରଙ୍କ ଦ୍ୱାରା ଧାର୍ଯ୍ୟମୂଲ୍ୟରେ ମଣ୍ଡିରେ ବିକ୍ରି କରିପାରିବେ ସେ ସଂମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଚିକିଣିଆ ସରପଂଚ ବିଷ୍ଣୁ ସେଠୀ, ସମିତି ସଭ୍ୟ ବିଚିତ୍ରାନନ୍ଦ ସ୍ୱାଇଁ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟ ଶାନ୍ତିଲତା ଦ୍ୱିବେଦି ସମେତ ଶତାଧୀକ ମହିଳା ଓ ଚାଷୀ ମାନେ ଉପସ୍ଥିତ ଥିଲେ।

## ହକି ବିଶ୍ୱକପ୍‌କୁ ଭବ୍ୟ ସମ୍ବର୍ଦ୍ଧନା ଓ ସ୍ୱାଗତ

**ପଧାନପାଲି(ସମ୍ବଲପୁର) :** ସରକାରୀ ଉଚ୍ଚ ବିଦ୍ୟାଳୟ କିଲାସମା ତଥା କିଲାସମା ପଞ୍ଚାୟତର ଖେଳପ୍ରେମୀ ଜନତାଙ୍କ ତରଫରୁ ହକି ବିଶ୍ୱକପ ଟ୍ରଫି ୨୦୨୩କୁ ପ୍ରଧାନପାଲି ଛକ ଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସେଠଙ୍କ ନେତୃତ୍ୱରେ ବିଦ୍ୟାଳୟର ସହାୟକ ଶିକ୍ଷକ୍ ସୁଧାଂଶୁ ଭୂଷଣ ଷଣ୍ଢ, ରୀନା ପଟ୍ଟନାୟକ ଓ ପ୍ରଧାନପାଳିସ୍ଥିତ ପ୍ରାଥମିକ ବିଦ୍ୟାଳୟର ଚିତ୍ରକଳା ଶିକ୍ଷକ ଶିବାଂଶୁ ପଣ୍ଡା ଏବଂ ଛାତ୍ରଛାତ୍ରୀ ମାନେ ରଙ୍ଗୋଲି ଚିତ୍ର ,ସ୍ୱାଗତ



କଳସ, ଓଳିର ଚିତ୍ର ଇତ୍ୟାଦି ରାସ୍ତାକଡ଼ରେ ଖୁବ ସୁନ୍ଦର ଭାବରେ ଅଙ୍କନ କରିଥିଲେ। ଛାତ୍ରଛାତ୍ରୀ ମାନେ ଖୁବ ଉତ୍ସାହର ସହିତ 'ଚକ୍ ଦେ ଇଣ୍ଡିଆ' ଓ ସ୍ୱାଗତଂ ସ୍ଲୋଗାନ ଜଣାଇ ସମ୍ବର୍ଦ୍ଧନା ଦେଇଥିଲେ। କିଲାସମା ଅଞ୍ଚଳର ଅନେକ ଖେଳପ୍ରେମୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଯଥା ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବାରିକ, ବ୍ରଜକିଶୋର ନାୟକ, ଚିତ୍ରସେନ ନାଗ, ଚିତ୍ତରଞ୍ଜନ ବାରିକ, ଅରୁଣ ବାରିକ, ମହାଦେବ ଖଡ଼ିଆ, ମନରଞ୍ଜନ ଥାପା,ଅଜିତ ପଧାନ, ଟିକେଶ୍ୱର ପଧାନ, ସଲିତ ପଧାନ, ଜଗତ ପ୍ରସାଦ ବେହେରା, ସୁରେନ୍ଦ୍ର ସାହୁ, ସଂଜୟ ସାହୁ, ନୟନ ବାରିକ, ଆନ୍ନା ଭାଇ, ରମାକାନ୍ତ ପଧାନ, ଇନ୍ଦ୍ରମଣି ବାରିକ, ଦୁର୍ଗା ପଧାନ, ହୃଦାନନ୍ଦ ପଶାୟତ, ମନୋଜ ନାଏକ, କବିରାଜ ନାୟକ, ବିଜୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାସ୍ତା କଡ଼ରେ ସୁରକ୍ଷିତ ଯାନବାହନ ଚଳାଚଳ ଓ ବାରିକେଟିଙ୍ଗ କରି ଟ୍ରାଫିକ ବ୍ୟବସ୍ଥା ସଞ୍ଚାଳନ ପାଇଁ ଟୋଲ ଗେଟ କର୍ମଚାରୀ ଓ ଶାସନ ପୋଲିସ ବିଶେଷ ସହଯୋଗ କରିଥଲେ। ଓଡ଼ିଶାରେ ଆୟୋଜିତ ହେଉଥିବା ବିଶ୍ୱକପ ଜନ ସାଧାରଣଙ୍କ ମଧ୍ୟରେ ଖୁବ ଉତ୍ସାହ ଦେଖିବାକୁ ମିଳିଥିଲା।

## ବିଏସ୍‌କେୱାଇରେ ଯୋଡ଼ିହେଲା ଆଉ ୨୯ ହସ୍ପିଟାଲ

ଭୁବନେଶ୍ୱର: ଓଡିଶା ସରକାରଙ୍କ ଅଭିନବ ଗୁଣାତ୍ମକ ସାର୍ବଜନିନ ସ୍ୱାସ୍ଥ୍ୟ ସେବା ଯୋଜନା ବିଏସ୍‌କେୱାଇ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡି.ଙ୍କ ଅଧ୍ୟକ୍ଷତାରେ ଆନ୍ତରିଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଶ୍ରୁତି ସମିତି ସଭା ଗୃହ ଠାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶୁଭାନନ୍ଦ ମହାପାତ୍ର ବିଭିନ୍ନ ଯୋଜନାର କାର୍ଯ୍ୟାୟନ ସମ୍ବନ୍ଧିତ ସଦ୍ୟତମ ତଥ୍ୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ବିଲ ଗୁଡ଼ିକୁ ଅନୁମୋଦନ ଦେବା ପୂର୍ବରୁ ସମସ୍ତ ଦରକାରୀ ତଥ୍ୟ ଓ ନିର୍ଦ୍ଧାରିତ ଦର ତାଲିକାକୁ ସଠିକ୍ ଭାବେ ତନଖି କରି ବିଲ ପୈଠ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଡାକ୍ତର ବୃନ୍ଦା ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ବାହାରେ ପଞ୍ଜିକୃତ ହୋଇଥିବା ହସ୍ପିଟାଲ୍ ମାନଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଏବଂ ମୋବାଇଲ ଫୋନ ମାଧ୍ୟମରେ ବରାବର ଯୋଗାଯୋଗରେ ରହିବାକୁ ଅତିରିକ୍ ଶାସନ ସଚିବ ନୋଡାଲ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଏସ୍‌କେୱାଇ ସଫ୍ଟ ଓୟାର ନବୀକରଣ ଏବଂ ଚିକିତ୍ସା ବିଲ୍ ଗୁଡ଼ିକର ସମୟାନୁବନ୍ଧିତ ପୈଠ ଆଦି ବିଷୟ ମୁଖ୍ୟତଃ ସମୀକ୍ଷା ହୋଇଥିଲା। ଆଲୋଚନାରୁ ଜଣାପଡିଥିଲା ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟ ଭିତର ଓ ବାହାରର ୫୫୪ ଟି ସୁପର ସ୍ପେଶାଲିଟି ହସ୍ପିଟାଲ୍ କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥି ମଧ୍ୟରୁ ୧୦୩ ହସ୍ପିଟାଲ ବାହାର ରାଜ୍ୟର। ସେଗୁଡିକ ମୁଖ୍ୟତଃ ଆସାମ, ଆନ୍ଧ୍ର ପ୍ରଦେଶ, ଛତିଶଗଡ, ପଶ୍ଚିମ ବଙ୍ଗଳା, ମହାରାଷ୍ଟ୍ର, ଦିଲ୍ଲୀ, ଗୁଜରାଟ, ପଞ୍ଜାବ, ତାମିନାଡୁ, ହରିୟାଣା, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, ତେଲେଙ୍ଗାନା ଏବଂ ଉତ୍ତରାଖଣ୍ଡ ଆଦି ରାଜ୍ୟରେ ପ୍ରତିଷ୍ଠିତ। ଏହାଛଡ଼ା ଇତି ମଧ୍ୟରେ ରାଜ୍ୟରେ ଥିବା ଆଉ ୨୯ ଟି ସ୍ପେଶାଲିଟି ହସ୍ପିଟାଲକୁ ତାଲିକା ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ହସ୍ପିଟାଲ୍ ଗୁଡ଼ିକୁ ତାଲିକା ଅନ୍ତର୍ଭୁକ୍ତ କରିବା ପୂର୍ବରୁ ସେହିଥିରେ ଥିବା ଚିକିତ୍ସା ସୁବିଧା, ସ୍ପେଶଲିଷ୍ଟ ଡାକ୍ତର, ଆଧୁନିକ ଯନ୍ତ୍ରପାତି, ରୋଗୀଙ୍କ ପାଇଁ ଆନୁସଙ୍ଗିକ ସୁବିଧା ଆଦିକୁ ବୈଷୟିକ ଟିମ୍ ଦ୍ୱାରା ଯାଞ୍ଚ କରାଯାଇଥାଏ। ଏହି ୨୯ ଟି ହସ୍ପିଟାଲ ପଞ୍ଜିକୃତ ହେଲେ ସମୁଦାୟ ପଞ୍ଜିକୃତ ହସ୍ପିଟାଲ୍ ସଂଖ୍ୟା ୫୮୩ କୁ ବୃଦ୍ଧି ପାଇବ।

## କିଏ କହୁଛନ୍ତି ସତ, ବିଇଓ ନା ସିଆରସିସି ?

**ଭଦ୍ରକ :** ରାଜ୍ୟ ସରକାର ବିଗତ ୨୦୨୦ ମସିହାରୁ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଉଠାଇ ଦେଇଥିଲା ବେଳେ ବନ୍ତ ବ୍ଲକ ଅଧିନରେ ଏଯାଏ ବସନ୍ତିଆ ପ୍ରାଇମେରୀ ସ୍କୁଲକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠିଛି। ଶିକ୍ଷା କ୍ଷେତ୍ରରେ ସରକାର ବୈପ୍ଳବିକ ପରିବର୍ତ୍ତନ ଆଣୁଥିଲା ବେଳେ ଭଦ୍ରକ ଜିଲ୍ଲାରେ ଏଭଳି ଏକ ବିଦ୍ୟାଳୟକୁ ନେଇ ବିସ୍ମୟ ପ୍ରକାଶ ପାଇଛି। ଏ ବାବଦରେ ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳ ସୂଚନା ଅଧିକାର ଜରିଆରେ ତଥ୍ୟ ମାଗି ଚାଲିଥିଲେ ବି ଏଯାବତ ଯେଉଁ ତଥ୍ୟ ମିଳୁଛି ସେଥିରେ କାହାର କାହା ସହିତ ମେଳ ରହୁନାହିଁ। ବନ୍ତ ବିଇଓ ତଥ୍ୟ ଦେଉଛନ୍ତି ଯେ, ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏହା ଅବଗତ କରାଇଥିଲେ। ଜିଲ୍ଲାପାଳ ଓ ବିଇଓ ଉଭୟ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କହିଥିଲେ ଯେ, ଏହାର ମିଶ୍ରଣ ହେବନାହିଁ। ବିଇଓଙ୍କ ତଥ୍ୟ ପରେ ଜିଲ୍ଲାପାଳଙ୍କୁ ଏ ସମ୍ପର୍କିତ ତଥ୍ୟ ମଗାଯାଇଥିଲା। ସେ କହିଲେ ଡିଇଓ ଏହାର ସବିଶେଷ ତଥ୍ୟ ଦେଇପାରିବେ, ତାଙ୍କୁ ଚିଠି କରାଯାଇଛି। ଡିଇଓ ଏ ବାବଦରେ ତଥ୍ୟ ପ୍ରଦାନ ନକରିବା ଫଳରେ ପୁନର୍ବାର ଆରଟିଆଇରେ ଏହି ତଥ୍ୟ ମଗାଯାଇଥିଲା। ପରେ ଜଣାପଡିଲା ଯେ, ବିଇଓ ମହୋଦୟ ଗ୍ରାମବାସୀଙ୍କ ଦ୍ୱାରା ଗତ ୨୬.୧୧.୨୦୨୨ରେ ଏକ ସଭା କରି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମିଶିଗଲା ବୋଲି କହିଥିଲେ। କିନ୍ତୁ ଏ ବାବଦରେ ସିଆରସିସି ଉତ୍ତର ଦେଲେ ଯେ, ମୁଁ ଏ ବିଷୟରେ ଅଧିକ ଜାଣିନି। ବିଇଓ ମୋତେ କିଛି ଜଣାଉ ନାହାନ୍ତି। ତେବେ ବିଇଓ ନା ସିଆରସିସି କିଏ ସତ କହୁଛନ୍ତି ଏହାକୁ ନେଇ ସନ୍ଦେହ ବଢୁଛି। ଗ୍ରାମବାସୀ କ'ଣ ନିଜ ଇଚ୍ଛାରେ ବିନା ସରକାରୀ ନିର୍ଦ୍ଦେଶରେ ବିଦ୍ୟାଳୟ ମିଶ୍ରଣ କରିପାରିବେ ? ତେଣୁ ବସନ୍ତିଆ ସ୍କୁଲରେ ପ୍ରଥମରୁ ତୃତୀୟ ପର୍ଯ୍ୟନ୍ତ ଥିଲା ବେଳେ ତାହା ପଞ୍ଚମ ପର୍ଯ୍ୟନ୍ତ କିଏ ମିଶାଇଛି ଏହାର ତଥ୍ୟ କାହା ନିକଟରେ ନାହିଁ। ଏହାର ଅଧିକ ତଦନ୍ତ କରାଗଲେ ବସନ୍ତିଆ ପ୍ରାଇମେରୀ ସ୍କୁଲର ଗୁମର ଖୋଲିବ।




ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ଶ୍ରୀଯୁକ୍ତ ଅଶୋକ କୁମାର ପରିଜାଙ୍କୁ 'ଏକମାତ୍ର' ଖବରକାଗଜ ପ୍ରଦାନ କରୁଛନ୍ତି ଆମ ପ୍ରତିନିଧି ବିଶ୍ୱଜିତ୍ ପଟ୍ଟନାୟକ।







## ଦେଶର ଶ୍ରେଷ୍ଠ ୩ରେ ସ୍ଥାନ ପାଇଲା ଆସିକା ଆଦର୍ଶ ଥାନା

**ଆସିକା :** କେନ୍ଦ୍ର ଗୃହ ମନ୍ତ୍ରାଳୟର ସର୍ଭେରେ ଗଞ୍ଜାମ ଜିଲ୍ଲା ଆସିକା ଆଦର୍ଶ ଥାନା ସର୍ବଭାରତୀୟ ସ୍ତରରେ ସୁନାମ ଆଣିଛି। ଦେଶର ପ୍ରଥମ ୩ଟି ସ୍ଥାନରେ ଆସିକା ଥାନା ସାମିଲ ହୋଇଛି। ଓଡ଼ିଶା ପୁଲିସ ଇତିହାସରେ ଓଡ଼ିଶାରୁ ପ୍ରଥମ ଥର ପାଇଁ ଆସିକା ଥାନା ଏହି ସଫଳତା ପାଇଛି। ବୃତ୍ତିଗତ ପାରଦର୍ଶିତା, ସ୍ୱଚ୍ଛତା, ସେବା ପ୍ରଦାନରେ ନିଷ୍ଠା, ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଜନତାଙ୍କୁ ବ୍ୟବହାର ପ୍ରଦର୍ଶନ, କର୍ତ୍ତବ୍ୟ ପ୍ରତିବଦ୍ଧତା, ଦଣ୍ଡବିଧାନ, ଦଳଗତ କାର୍ଯ୍ୟ, ପ୍ରଯୁକ୍ତିବିଦ୍ୟା, ପରିବର୍ତ୍ତନ ଏବଂ ସମୟସୀମା ପାଳନ, ଇତ୍ୟାଦି ୧୬୫ଟି ବିଷୟରେ ଉତ୍ତମ ପ୍ରଦର୍ଶନ କରି ଏହି ସଫଳତା ହାସଲ କରିଛି। ଆସିକା ଥାନା ଦେଶରେ ଏକ ନମ୍ବର ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଅଭିନନ୍ଦନ ଜଣାଇଛନ୍ତି। ଆସନ୍ତ ୨୦ ତାରିଖରେ ଥାନା ଅଧିକାରୀ ପ୍ରଶାନ୍ତ ସାହୁ ନୂଆଦିଲ୍ଲୀରେ ପୁରସ୍କାର ବିତରଣ ସମାରୋହରେ ଟ୍ରଫି ଗ୍ରହଣ କରିବାକୁ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ପତ୍ର ଆସିଥିବା ଜଣାପଡ଼ିଛି। ଏକଦା ସାରା ରାଜ୍ୟରେ ଅତ୍ୟନ୍ତ ସମ୍ବେଦନଶୀଳ ଥାନାର ପରିଚୟ ପାଇଥିବା ଏହି ଥାନା ଇଲାକାରେ ଗତ କିଛିବର୍ଷ ମଧ୍ୟରେ ବହୁତ ପରିବର୍ତ୍ତନ ଆସିଛି। ଆସିକା ଥାନାକୁ ଆଇଏସ୍‌ଓ ମାନ୍ୟତା ମିଳିବା, ଆଦର୍ଶ ଥାନାର ମାନ୍ୟତା ମିଳିବା, ରାଜ୍ୟରେ ପ୍ରଥମ ହେବା ଓ ପରେ ପରେ ଦେଶରେ ମଧ୍ୟ ପ୍ରଥମ ସ୍ଥାନ ଗ୍ରହଣ କରିବା ସର୍ବଭାରତୀୟ ସ୍ତରରେ ନିଜ ପାଇଁ ପରିଚୟ ସୃଷ୍ଟି କରିଛି। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ୨୦୦୫ରେ ପୁଲିସ ଏସ୍‌ଆଇ ଭାବେ ଆସିକା ଥାନାରେ ଯୋଗ ଦେଇଥିଲେ। ଇତି ମଧ୍ୟରେ ସେ ଆସିକା ପୁଲିସ ଉପଖଣ୍ଡର ଶେରଗଡ଼, ହିଂଜିଳି ଥାନା ଅଧିକାରୀ ରହିବା ପରେ ଅଗଷ୍ଟ ୨୦୧୯ରୁ ଆସିକା ଥାନା ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ଆସିକା ଥାନା ଦାୟିତ୍ୱ ନେବା ପରେ ସେ ସ୍ଥାନୀୟ ଅଞ୍ଚଳରେ ତ୍ୱରିତ ଅପରାଧ ଦମନ ଏବଂ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଦୂରତା କମାଇବା ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଥାନାକୁ ଆସୁଥିବା କୌଣସି ମାମଲାରେ ଅଭିଯୋଗକାରୀକୁ ଶୀଘ୍ର ନ୍ୟାୟ ପ୍ରଦାନ ଦିଗରେ ସେ ବହୁ ଆଗରେ ରହିଛନ୍ତି। ନିଜର ଦକ୍ଷତା ପାଇଁ ସେ ୨୦୧୧ରେ ସର୍ବଶ୍ରେଷ୍ଠ ଅଧିକାରୀ, ୨୦୧୨ରେ ଡିଜିପି ମେଡାଲ୍, ୨୦୧୫ରେ ସେବା ମେଡାଲ୍, ୨୦୨୦ରେ ମୁଖ୍ୟମନ୍ତ୍ରୀ ମେଡାଲ୍‌ରେ ସମ୍ମାନିତ ହୋଇଛନ୍ତି। ଗତ କିଛିଦିନ ପୂର୍ବେ ଓଡ଼ିଶା ସରକାରଙ୍କ ଷ୍ଟେଟ୍ କ୍ରାଇମ୍ ରେକର୍ଡ଼ ବ୍ୟୁରୋ ପକ୍ଷରୁ ପ୍ରକାଶିତ ହୋଇଥିବା ଓ ପ୍ରଗତି ଡ୍ୟାସ୍‌ବୋର୍ଡ ତାଲିକାରେ ଆସିକା ରାଜ୍ୟର ଏକ ନମ୍ବର ଥାନା ତାଲିକାରେ ସାମିଲ ହୋଇଥିଲା।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି